**ସଂକ୍ଷେପରେ**

## ବ୍ଲକସ୍ତରୀୟ ସ୍ପିଚ୍ ଥେରାପି ଟ୍ରେନିଂ କ୍ୟାମ୍ପ ଉଦ୍‌ଘାଟିତ

**ଡେରାବିଶ,୭।୧(ସ୍ୱ.ପ୍ର.):** ଡେରାବିଶ ଶିକ୍ଷା ସର୍କଲ ଅନ୍ତର୍ଗତ ମୁକୁନ୍ଦପୁର ପଞ୍ଚାୟତ ମୁକୁନ୍ଦପୁର ବିଦ୍ୟାଳୟରେ ମଙ୍ଗଳବାର ବ୍ଲକସ୍ତରୀୟ ସ୍ପିଚ୍ ଥେରାପି ଟ୍ରେନିଂ କ୍ୟାମ୍ପ ଉଦ୍‌ଘାଟିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଅଭିରାମ ମିଶ୍ର ଯୋଗଦେଇ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ । ମିଶ୍ର ତାଙ୍କ ବକ୍ତବ୍ୟରେ ବାକ୍ ଶକ୍ତି ବାଧିତ, ଶ୍ରବଣଶକ୍ତି ବାଧିତ ଏବଂ ଅନ୍ୟାନ୍ୟ ଶାରିରୀକ ଭିନ୍ନକ୍ଷମ ଛାତ୍ରୀଛାତ୍ରମାନଙ୍କୁ ବିଦ୍ୟାଳୟରେ ଅନ୍ୟ ବିଦ୍ୟାର୍ଥୀଙ୍କ ସହିତ ସମକକ୍ଷ କରିବା ପାଇଁ ସରକାରଙ୍କ ତରଫରୁ ବିଭିନ୍ନ ଉପକରଣ ଯୋଗାଇ ଦେବା ସହିତ ସମ୍ପୃକ୍ତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଏଥିନିମନ୍ତେ ସ୍ୱତନ୍ତ୍ର ପ୍ରଶିକ୍ଷଣ ପ୍ରଦାନ କରାଯାଉଥିବା କହିଥିଲେ । ଏହି ଶିବରରେ ମୁକୁନ୍ଦପୁର ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସବିତା ବିଶ୍ୱାଳ ମୁଖ୍ୟବକ୍ତା ଭାବେ ଯୋଗଦେଇ ଅଭିଭାବକମାନେ ଭିନ୍ନକ୍ଷମ ଛାତ୍ରୀଛାତ୍ରମାନଙ୍କ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ । ଏଥିରେ ତାଲିମଦାତା ଭାବେ ଡେରାବିଶ ବ୍ଲକ ସମ୍ବଳ ଶିକ୍ଷକ ଜୟନ୍ତ ପ୍ରସାଦ ସ୍ୱାଇଁ, ଗରଦପୁର ବ୍ଲକ ସମ୍ବଳ ଶିକ୍ଷକ ହିମାଂଶୁ ଭୂଷଣ ଜେନା, ମହାକାଳପଡ଼ା ବ୍ଲକ ସମ୍ବଳ ଶିକ୍ଷୟିତ୍ରୀ ଗୀତାଞ୍ଜଳୀ ଦାସ ଯୋଗଦେଇ ଉପସ୍ଥିତ ଛାତ୍ରୀଛାତ୍ର ଓ ସେମାନଙ୍କ ଅଭିଭାବକଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଶିବିର ପରିଚାଳନାରେ ବ୍ଲକ ରିସୋର୍ସ ପର୍ସନ ପୁଷ୍ପଲତା ବେହେରା, ଭିନ୍ନକ୍ଷମ ସ୍ୱେଚ୍ଛାସେବୀ ପ୍ରଦ୍ୟୁମ୍ନ କିଶୋର ଜେନା, ସୁଶାନ୍ତ କୁମାର ନାୟକ ସହଯୋଗ କରିଥିଲେ । ଏହି ଶିବିରରେ ୨୦ ଜଣ ଭିନ୍ନକ୍ଷମ ଛାତ୍ରୀଛାତ୍ର ଓ ସେମାନଙ୍କ ଅଭିଭାବକ ଉପସ୍ଥିତ ରହି ତାଲିମ ଗ୍ରହଣ କରିଥିଲେ ।

## ରାଜନଗର ବ୍ଲକର କନିଷ୍ଠ ଯନ୍ତ୍ରୀ ନିଲମ୍ବିତ

**ରାଜନଗର,୭।୧(ଡି.ଏନ.ଏ.) :** ରାଜନଗର ବ୍ଲକର କନିଷ୍ଠ ଯନ୍ତ୍ରୀ ରଞ୍ଜନ କୁମାର ଶର୍ମାଙ୍କୁ କେନ୍ଦ୍ରାପଡା ଜିଲାପାଳ ସମର୍ଥ ବର୍ମା ମଙ୍ଗଳବାର ନିଲମ୍ବନ କରଛନ୍ତି। କାର୍ଯ୍ୟରେ ଅବହେଳା ପାଇଁ ତାଙ୍କୁ ନିଲମ୍ବିତ କରାଯାଇଥିବା ଚିଠିରେ ଉଲ୍ଲେଖ ରହିଛି। ପ୍ରକାଶ ଯେ, କନିଷ୍ଠଯନ୍ତ୍ରୀ ଶର୍ମା ରାଜନଗର ବ୍ଲକର ଓସ୍ତିଆ, ରାଜପୁର, ବନ୍ଧପଡା ଓ ବାଲିସାହିପାଟଣା ପଞ୍ଚାୟତ ଦାୟିତ୍ୱରେ ଥିଲେ। ସଂପୃକ୍ତ ପଞ୍ଚାୟତଗୁଡିକରେ ପ୍ରଧାନମନ୍ତ୍ରୀ ଆବାସରେ ଅଗ୍ରଗତି ହାର ଅନ୍ୟ ପଞ୍ଚାୟତ ତୁଳନାରେ କମ ଥିଲା। ଏହାଛଡା ଜିଲାପାଳଙ୍କ ସମୀକ୍ଷା ବୈଠକରେ ସେ ଅନୁପସ୍ଥିତ ରହିଥିଲେ। ତାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା। ସେ ଏହାର ଉତ୍ତର ନ ଦେବାରୁ ତାଙ୍କୁ ଦାୟିତ୍ୱରେ ଅବହେଳା ପାଇଁ ଜିଲାପାଳ ନିଲମ୍ବିତ କରିଥିବା ଜଣାଯାଇଛି । ସେ ଦାୟିତ୍ୱରେ ଥିବା ୪ଟି ପଞ୍ଚାୟତ ମଧ୍ୟରୁ ବନ୍ଧପଡା ପଞ୍ଚାୟତ ପାଇଁ କନିଷ୍ଠ ଯନ୍ତ୍ରୀ ଦେବରଞ୍ଜନ ବେହେରା, ରାଜପୁର ଓ ଓସ୍ତିଆ ପଞ୍ଚାୟତ ପାଇଁ କନିଷ୍ଠଯନ୍ତ୍ରୀ ବିଶ୍ୱ ଭୂଷଣ ଭୂୟାଁ, ବାଲିସାହିପାଟଣା ପଞ୍ଚାୟତ ପାଇଁ ପ୍ରଭାତ କୁମାର ମାଝିଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି।

## ବିଜୁ ପଟ୍ଟନାୟକ କପ୍ ଫୁଟବଲ ଫାଇନାଲରେ ସୁରଜ କ୍ଲବ

**କେନ୍ଦ୍ରାପଡା ଅଫିସ, ୭।୧:** କେନ୍ଦ୍ରାପଡା ସରକାରୀ ହାଇସ୍କୁଲ ଖେଳପଡିଆରେ ରାଜ୍ୟସ୍ତରୀୟ ବିଜୁ ପଟ୍ଟନାୟକ ଫୁଟବଲ କପ ଗତ ଶୁକ୍ରବାର ଠାରୁ ଆରମ୍ଭ ହୋଇଛି। ଏହି ପ୍ରତିଯୋଗିତାର ପଞ୍ଚମ ଦିବସରେ ପ୍ରଥମ ସେମିଫାଇନାଲ କଟକର ଜାଗୁଲାଇ କ୍ଲବ ଓ କେନ୍ଦ୍ରାପଡାର ସୁରଜ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ୫- ୪ ଟ୍ରାଇବ୍ରେକରରେ ସୁରଜ କ୍ଲବ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ଜିଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ ଓ ପିଡି ଦିଲିପ କୁମାର ପରିଡା ଏହି ପ୍ରତିଯୋଗିତାର ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ଏହି ମ୍ୟାଚ୍‌କୁ ପ୍ରଦୀପ୍ତ ମହାନ୍ତି, ରିୟାଜ ଖାନ, ମହମ୍ମଦ ଜୋହା, କିର୍ତ୍ତି ସ୍ୱାଇଁ ପ୍ରମୁଖ ପରିଚାଳନା କରଥିଲେ । ସୂଚନାଯୋଗ୍ୟ ଯେ, ବୁଧବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଖେଳାଯିବ । ଏଥିରେ ୪ ତାରିଖର ବିଜେତା ବାଲୋବର ସ୍ପୋର୍ଟସ ହଷ୍ଟେଲ ଓ ୬ ତାରିଖର ବିଜେତା କେନ୍ଦ୍ରାପଡାର ଲେବର ସ୍ପୋର୍ଟିଂ ପରସ୍ପରକୁ ଭେଟିବେ।

### ■ ଜିଲାରେ ନାଗରିକତ୍ୱ ସଂଶୋଧନ ଆଇନ ପ୍ରସଙ୍ଗ

# ଦେଶାନ୍ତର ନୋଟିସ ପାଇଥିବା ଲୋକ ନିଶ୍ଚିନ୍ତରେ

**ଜଗନ୍ନାଥ ଧଳ**
**କେନ୍ଦ୍ରାପଡା ଅଫିସ, ୭।୧**

■ ଅମିତ ରାୟ ଏବେ ଦୁଇ ଦେଶର ନାଗରିକ
■ ଜଙ୍ଗଲ ଜମିର ମାଲିକାନା ବଙ୍ଗଭାଷୀଙ୍କ ଦାବି

ଗତ ଡିସେମ୍ବର ୧୨ ତାରିଖରେ ନାଗରିକତ୍ୱ ସଂଶୋଧନ ବିଲ ରାଷ୍ଟ୍ରପତିଙ୍କ ଅନୁମୋଦନ ପରେ ଆଇନରେ ପରିଣତ ହୋଇଛି । ଏହାପରେ ଏହି ଆଇନକୁ ନେଇ ଦେଶରେ ଆଲୋଡନ ସୃଷ୍ଟି ହେବା ସହ ବିଭିନ୍ନ ସ୍ଥାନରେ ହିଂସାକାଣ୍ଡ ଦେଖାଦେଇଛି । ପାକିସ୍ତାନ, ବାଂଲାଦେଶ ଓ ଆଫଗାନିସ୍ତାନର ସଂଖ୍ୟାଲଘୁ ଭାବେ ପରିଚିତ ହିନ୍ଦୁ, ପାର୍ସୀ, ବୌଦ୍ଧ, ଜୈନ, ଶିଖ ଓ ଖ୍ରୀଷ୍ଟିଆନ ଧର୍ମର ବ୍ୟକ୍ତିଙ୍କୁ ନିର୍ଯାତନା ଦିଆଯାଉଛି । ଏହି ନିର୍ଯାତନାର ଶିକାର ହୋଇ ୨୦୧୪ ଡିସେମ୍ବର ୩୧ ସୁଦ୍ଧା ଭାରତରେ ଶରଣ ନେଇଥିବା ବ୍ୟକ୍ତିଙ୍କୁ ନାଗରିକତା ପ୍ରଦାନ କରାଯିବ ବୋଲି ଏହି ଆଇନରେ ଉଲ୍ଲେଖ ଅଛି । ଏହାକୁ ନେଇ କେନ୍ଦ୍ରାପଡା ଜିଲାରେ ଆଲୋଚନା ଜୋର ଧରିଛି ।

୧୯୭୧ ବଙ୍ଗ ବିଭାଜନ ସମୟରେ କେନ୍ଦ୍ରାପଡା ଜିଲାରେ ୧୨୩୭ ବାଂଲାଦେଶୀ ଶରଣାର୍ଥୀଙ୍କୁ ମହାକାଳପଡା ବ୍ଲକର ରାମନଗର ଅଞ୍ଚଳରେ ଥଇଥାନ କରାଯାଇଥିଲା । ୨୦୧୧ ଜନଗଣନାରେ ବଙ୍ଗଭାଷୀଙ୍କ ସଂଖ୍ୟା ୭୬ ହଜାରରୁ ଊର୍ଦ୍ଧ୍ୱ ବୋଲି ତଥ୍ୟରେ ଉଲ୍ଲେଖ ଅଛି । ୪୦ ବର୍ଷ ମଧ୍ୟରେ ବଙ୍ଗଭାଷୀଙ୍କ ସଂଖ୍ୟା ଆଶାତୀତ ବୃଦ୍ଧି ପାଇବାର କାରଣ ଅନୁପ୍ରବେଶ ବୋଲି ଆଲୋଚନା ହେଉଛି । ୨୦୦୩ ମସିହାରେ ଜିଲା ପ୍ରଶାସନ ପକ୍ଷରୁ ଅନୁପ୍ରବେଶକୁ ନେଇ ଏକ ସର୍ଭେ ହୋଇଥିଲା । ଏହି ସର୍ଭେ ମୁତାବକ ମହାକାଳପଡା ବ୍ଲକ ଅଞ୍ଚଳରେ ୧୫୫୧, ରାଜନଗରରେ ୩୦ ଓ ପଟ୍ଟାମୁଣ୍ଡାଇ ବ୍ଲକ ଅଞ୍ଚଳରେ ୬୮ ଜଣ ଅନୁପ୍ରବେଶକାରୀ ଚିହ୍ନଟ ହୋଇଥିଲେ । ୨୦୦୫ ମସିହାରେ ମହାକାଳପଡା ବ୍ଲକ ଅଞ୍ଚଳର ୧୫୫୧ ଜଣ ଅନୁପ୍ରବେଶକାରୀଙ୍କୁ ଦେଶାନ୍ତର ନୋଟିସ ଭାରତ ସରକାରଙ୍କ ପକ୍ଷରୁ ହୋଇଥିଲା । ଏହି ଦେଶାନ୍ତର ନୋଟିସରେ ସମସ୍ତେ ହିନ୍ଦୁ ହୋଇଥିବାରୁ ସିଏଏ ଯୋଗୁ ସେମାନଙ୍କୁ ଦେଶର ନାଗରିକ ପରିଚୟପତ୍ର ମିଳିବା ସହଜ ହୋଇଯାଇଛି । ଅପରପକ୍ଷରେ ଅନୁପ୍ରବେଶକାରୀଙ୍କୁ ୨୦୧୯ର ନାଗରିକତ୍ୱ ସଂଶୋଧନ ଆଇନ କେତେଦୂର ସହଯୋଗ ଦେଇପାରିବ ବୋଲି ଚର୍ଚ୍ଚା ଚାଲିଛି । ଶରଣାର୍ଥୀ ଓ ଅନୁପ୍ରବେଶକାରୀଙ୍କ ପ୍ରଭେଦ ଏହି ଜିଲାରେ ଏବେ ଚିହ୍ନଟ ସମ୍ଭବ ନୁହେଁ । କାରଣ ସମୁଦ୍ର ପଥ ଓ ମାଲକାନଗିରି ଜିଲା, ପଡୋଶୀ ପଶ୍ଚିମବଙ୍ଗ ରାଜ୍ୟ ବାଟ ଦେଇ କେନ୍ଦ୍ରାପଡା ଜିଲାକୁ ଅନୁପ୍ରବେଶକାରୀମାନେ ଅନାୟସରେ ପଶି ଆସୁଛନ୍ତି । ଏହାର ଉଦାହରଣ ଭାବେ ମହାକାଳପଡା ବ୍ଲକ ବଟୀଘର ପଞ୍ଚାୟତ ବରକୋଳିଖିଳା ଗ୍ରାମର ଅମିତ ରାୟଙ୍କୁ ନିଆ ଯାଇପାରେ । ଅମିତଙ୍କ ଘର ବାଂଲାଦେଶର ବଜରହାଟ ଜିଲା ଚଟଲମାରି ଥାନା ଆରୁଲିୟେ ଗ୍ରାମରେ । ଅମିତ ହେଉଛନ୍ତି ଆରୁଲିୟେ ଗ୍ରାମର ବିଧାନ ରାୟ ଓ ଆଶାଲତା ରାୟଙ୍କ ପୁଅ । ୧୯୯୩ ଡିସେମ୍ବର ୨୫ରେ ଜନ୍ମିତ ଅମିତ ଢ଼ାକାର ବାଂଲାଦେଶ ଟେକ୍ନିକାଲ ଏଜୁକେଶନ ବୋର୍ଡର ସାର୍ଟିଫିକେଟ, ବରିସାଲର ପିଙ୍କି କମ୍ପ୍ୟୁଟର ଟ୍ରେନିଂ ସାର୍ଟିଫିକେଟ ସହିତ ବାଂଲାଦେଶ ନାଗରିକ ବୋଲି ବହୁ ପ୍ରମାଣପତ୍ର କେନ୍ଦ୍ରାପଡା ଜିଲାପାଳଙ୍କ ହସ୍ତଗତ ହୋଇଛି । ତେବେ ଅମିତ ଏବେ ବାପା ବିଧାନଙ୍କ ସାନଭାଇ ମହାକାଳପଡା ବ୍ଲକର ବରକୋଳିଖିଳା ଗ୍ରାମର ବିକାଶ ଓ ସୁଭଦ୍ରା ରାୟଙ୍କ ପୁଅ ବୋଲି ରାମନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରୁ ୨୦୧୦ରେ ଅଷ୍ଟମ ଶ୍ରେଣୀ ସାର୍ଟିଫିକେଟ ପାଇଛନ୍ତି । ଏହି ସାର୍ଟିଫିକେଟ ବଳରେ ସେ ଭାରତର ନାଗରିକ ପ୍ରମାଣପତ୍ର ହାସଲ କରିଛନ୍ତି । ଅମିତଙ୍କ ଏହି ଦୁଇ ଦେଶର କାଗଜପତ୍ର ତତ୍କାଳୀନ ଜିଲାପାଳ ଦାଶରଥୀ ଶତପଥୀଙ୍କ ହସ୍ତଗତ ହୋଇଛି । କେବଳ ଅମିତ ନୁହେଁ, ଏପରି ବହୁ ଅନୁପ୍ରବେଶକାରୀଙ୍କୁ ଜିଲାର ଉପାନ୍ତ ଅଞ୍ଚଳରେ ଦେଖିବାକୁ ମିଳୁଛି । ବିଭିନ୍ନ ଉପାୟରେ ଭାରତୀୟ ନାଗରିକ ପ୍ରମାଣପତ୍ର ଯୋଗାଡ କରି ସେମାନେ ସରକାରୀ ଯୋଜନାକୁ ହାତେଇଛନ୍ତି । ଏଥିପାଇଁ ସିଏଏର ଆବଶ୍ୟକତା ଏହି ଜିଲାରେ ଗୌଣ ହୋଇଛି । ଜଙ୍ଗଲ ଜମି ଉପରେ ସେମାନେ ରହିଥିବାରୁ ଏହାର ସତ୍ତ୍ୱ ଦାବି ଏବେ ମୁଖ୍ୟ ପ୍ରସଙ୍ଗ ପାଲଟିଛି । ଅନୁପ୍ରବେଶକାରୀମାନେ ଜଙ୍ଗଲ ଜମିରେ ରହୁଥିବାରୁ ଫର୍ମ କେ ରେ ରାଜସ୍ୱ ଆଦାୟ ହେଉଥିଲା । ତେବେ ୨୦୧୩ ମସିହାରୁ ଏହି ରାଜସ୍ୱ ଆଦାୟ ବନ୍ଦ ହୋଇଯାଇଛି । ଫଳରେ ଜିଲାର ୨୦ ହଜାରରୁ ଊର୍ଦ୍ଧ୍ୱ ଏକରର ଜଙ୍ଗଲ ଜମି ମାଲିକାନା ନେଇ ସେମାନେ ଆଶଙ୍କାରେ ଅଛନ୍ତି । ଏହି ସମସ୍ୟାର ସମାଧାନ ହେବ କହି ବିଭିନ୍ନ ନିର୍ବାଚନରେ ରାଜନେତାମାନେ ଭୋଟ ବ୍ୟାଙ୍କ ବୃଦ୍ଧିରେ ଲାଗି ପଡିଛନ୍ତି ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତୋରାଣି ସାଙ୍ଗକୁ ନ ଥାଏ ଲୁଣ**
**ମିଛେ ବୋଲୁଥାଏ ତିନି ତିଅଣ ।**

ଅନେକ କ୍ଷେତ୍ରରେ କିଛି ନ ଥିବା ବ୍ୟକ୍ତି ସମାଜରେ ନିଜ ଫମ୍ପା ଆଭିଜାତ୍ୟ ଦେଖାଇ ହେବାରେ କାଣିଚାଏ ହେଳା କରୁ ନ ଥିବା ଲକ୍ଷ୍ୟ କରାଯାଏ । ତେବେ ଅଭାବୀ ବ୍ୟକ୍ତି ପକ୍ଷେ ନିଜକୁ ଏପରି ଦେଖେଇ ହେବାରେ କୌଣସି ଯଥାର୍ଥତା ରହି ନ ଥାଏ । ବାହାରକୁ ନିଜ ବୃଥା ବଡ଼ିମା ଦେଖାଉଥିବା ବ୍ୟକ୍ତିର ଅସଲ ସ୍ୱରୂପ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

**ତୋ କାନ ମଲ୍ଲୀ କଡ଼ି**
**ତୋ କାନରେ ଥାଉ**
**ଠେଲା ପେଲା କରି ମାରିବା**
**ବରଷ ମୁଣ୍ଡ ପାଉ ।**

ସ୍ୱାମୀର ସ୍ତ୍ରୀ ପ୍ରତି ସ୍ନେହ ଓ ଶ୍ରଦ୍ଧା ଉକ୍ତି । ଘରର ଅଭାବ ଦୂର କରିବା ପାଇଁ ସ୍ତ୍ରୀର କାନ ଫୁଲ ବିକିବାକୁ ଅନିଚ୍ଛା ପ୍ରକାଶ କରୁଥିବା ସ୍ୱାମୀ ସ୍ତ୍ରୀକୁ ବୋଧ ବା ସାନ୍ତ୍ୱନା ଦେବାକୁ ଯାଇ ଯାହିତାହି ଘର ଚଳାଇ ବରଷ ପାଇଗଲେ ସମୟକ୍ରମେ ଅସୁବିଧା ଦୂର ହୋଇଯିବ କହି ସମୟ ଗଡ଼ାଇବାକୁ ପରାମର୍ଶ । ଏପରି ଅବସ୍ଥା ଅଳ୍ପ ବହୁତେ ବହୁ ଅଭାବୀ ପରିବାରରେ ଘଟୁଥିବା ସ୍ଥଳେ କଷ୍ଟରେ ଅର୍ଜିଥିବା ମୂଲ୍ୟବାନ ପଦାର୍ଥ ସହଜରେ ଛାଡ଼ିବାକୁ ଇଚ୍ଛା ନ ହେବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

### ■ ପୁସ୍ତକମେଳାର ଦ୍ୱିତୀୟ ସନ୍ଧ୍ୟା

# ଅକ୍ଷୟ ମହାନ୍ତିଙ୍କ ସ୍ମୃତିରେ ବିଭୋର ହେଲେ ଦର୍ଶକ

**କେନ୍ଦ୍ରାପଡା ଅଫିସ, ୭।୧**


ପୁସ୍ତକ ମେଳାରେ ଲୋକମାନେ ବହି କିଣୁଛନ୍ତି ।

ନଦୀର ନାମ ଅଳସୀ କନ୍ୟା ଠାରୁ ଟୁଆଁଟୁଇଁ ଯାଏ, ଯାଯାବର ଠାରୁ ପଲ୍ଲୀ ଗୀତ ପର୍ଯ୍ୟନ୍ତ ସବୁଥିରେ ଅକ୍ଷୟ ମହାନ୍ତିଙ୍କ ସ୍ୱାକ୍ଷର । ଏହି ସ୍ମୃତି ବିଜଡିତ ଗୀତ ସହରର ମହିପାଳ ଟେଲିକମ ଗ୍ରାଉଣ୍ଡ ଠାରେ ଅନୁଷ୍ଠିତ ଊନବିଂଶ ରାଜ୍ୟସ୍ତରୀୟ କେନ୍ଦ୍ରାପଡ଼ା ପୁସ୍ତକ ମେଳାର ମଙ୍ଗଳବାର ସନ୍ଧ୍ୟାକୁ ଭିଜାଇଥିଲା । କେନ୍ଦ୍ରାପଡା ବ୍ଲକ ବାରୁଅସ୍ଥିତ ଭାବଗ୍ରାହୀ କଳା ନିକେତନର କଳାକାରଙ୍କ ସୁମଧୁର କଣ୍ଠରୁ ଉଚ୍ଛୁରି ଆସିଥିଲା ଅକ୍ଷୟ ମହାନ୍ତିଙ୍କ ବହୁ ଭାବପୂର୍ଣ୍ଣ ଗୀତ । ହେ ଫଗୁଣ ତୁମେ, ବୟସର କୃଷ୍ଣଚୂଡା, ଉଡି ଉଡି ଯାଏ ଗୁଡି, ଟିକି ଟିକି ଘଣ୍ଟା ଚାଲେ, ଫୁଲେଇ ରାଣୀ, ତମେ ତ ଆସିଲ ନାହିଁ ଆଦି ବିଶିଷ୍ଟ କଣ୍ଠଶିଳ୍ପୀ ଅକ୍ଷୟ ମହାନ୍ତିଙ୍କ ଗୀତକୁ କଳାକାରମାନେ ଗାଇଥିଲେ । କଳା ନିକେତନର ପ୍ରତିଷ୍ଠାତା ବିମଳ ପ୍ରସାଦ ପରିଡାଙ୍କ ସଞ୍ଚାଳନାରେ ଅନୁଷ୍ଠିତ ଏହି ସଙ୍ଗୀତ ସନ୍ଧ୍ୟାରେ ପାରାଦୀପସ୍ଥ ଇଫକୋର ପ୍ରଶାସନିକ ଅଧିକାରୀ ପ୍ରସନ୍ନ କୁମାର ବେଉରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ବେଉରା ଅକ୍ଷୟଙ୍କୁ ଖିଆଲି ମନର ବେପରୱା ବାଦଶାହା ବୋଲି ଉପସ୍ଥାପନା କରିଥିଲେ । ସେ ପ୍ରକାଶ କରିଥିଲେ ଯେ, ଅକ୍ଷୟ କେବେ ଯାଯାବର ତ କେବେ କଳଙ୍କିତ ନାୟକ, କେବେ ଆର୍ଯ୍ୟ ଦାସ ତ କେବେ ପ୍ରବାଦ ପୁରୁଷ ଭାବେ ଜନମାନସରେ ଉଭା ହୋଇଛନ୍ତି । ଗୀତରେ, ସୁରରେ, ଗଳ୍ପରେ ,ସଂଳାପରେ, ଉପନ୍ୟାସ ରଚନାରେ ସବୁଠି ତାଙ୍କର ଥିଲା ପ୍ରବେଶ । ରେଡିଓ, ଦୂରଦର୍ଶନ, ସିନେମା ମଞ୍ଚ କାର୍ଯ୍ୟକ୍ରମରେ ସାମିଲ ହୋଇ ଜନମନକୁ ହରଣ କରୁଥିଲେ । ଭଜନ, ଆଧୁନିକ, ପଲ୍ଲୀଗୀତ, ଦେଶାତ୍ମବୋଧକ ଗୀତ, ଗୀତିନାଟ୍ୟ, ସିନେସଙ୍ଗୀତ, ଲଘୁ ଶାସ୍ତ୍ରୀୟ ସଙ୍ଗୀତ, ଗଜଲ, କୋରସ, ପ୍ୟାରୋଡି ସବୁଥିରେ ସେ ଥିଲେ ସିଦ୍ଧହସ୍ତ । ଅକ୍ଷୟ ମହାନ୍ତିଙ୍କ ଭଳି ସୁଯୋଗ୍ୟ ସନ୍ତାନକୁ ଜନ୍ମ ଦେଇ କେନ୍ଦ୍ରାପଡା ମାଟି ଗର୍ବିତ । ସୂଚନାଯୋଗ୍ୟ ଯେ, ଏହି ଜିଲାର ଡେରାବିଶ ବ୍ଲକ ଅନ୍ତର୍ଗତ ଚାନ୍ଦୋଳ ନିକଟବର୍ତ୍ତୀ ବାଙ୍କିମୁଣ୍ଡାଇରେ ଅକ୍ଷୟ ମହାନ୍ତି ଜନ୍ମ ହୋଇଥିଲେ । କେନ୍ଦ୍ରାପଡା ଇଭେଣ୍ଟ ମ୍ୟାନେଜର୍ସ (କେମ) ପକ୍ଷରୁ ଆୟୋଜିତ ଏହି ପୁସ୍ତକ ମେଳାରେ ଅକ୍ଷୟଙ୍କ ସଙ୍ଗୀତ ଶୁଣିବା ପାଇଁ ବହୁ ଜନସମାଗମ ହୋଇଥିଲା । ଏହି କାର୍ଯ୍ୟକ୍ରମ ପୂର୍ବରୁ ଆମ ଗାଁ ସାହିତ୍ୟ ପରିଷଦ ପକ୍ଷରୁ ସାହିତ୍ୟ ସଭା ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା ।

## ଖରସ୍ରୋତା ନଦୀ ସଂଗ୍ରାମ ସମିତି ଗଠିତ

**ରାଜକନିକା, ୭।୧(ଡି.ଏନ.ଏ.)**

ରାଜକନିକା ବ୍ଲକର ଭାରିଗଦାଠାରେ ମଙ୍ଗଳବାର ଭଦ୍ରକ ଜିଲା ପ୍ରଶାସନ ପକ୍ଷରୁ ଆରମ୍ଭ ହେଉଥିବା ମେଗା ପାନୀୟ ଜଳ ପ୍ରକଳ୍ପକୁ ବିରୋଧ କରି ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ରାଜକନିକା ପଞ୍ଚାୟତ ସମିତିର ପ୍ରାକ୍ତନ ଅଧ୍ୟକ୍ଷ କପିଳେନ୍ଦ୍ର ମଲ୍ଲିକ ଅଧ୍ୟକ୍ଷତା କରିଥିଲେ । ଏହି ଅବସରରେ ଆଳି ଓ ରାଜକନିକା ଅଞ୍ଚଳର ବୁଦ୍ଧିଜୀବୀଙ୍କୁ ନେଇ ଖରସ୍ରୋତା ନଦୀ ସଂଗ୍ରାମ ସମିତି ଗଠନ କରାଯାଇଛି । ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିବା ପାଇଁ ୯ ଜଣିଆ କୋର କମିଟି ଗଠନ ହୋଇଛି । ଏହି କମିଟିର ସଭାପତି ଭାବେ କପିଳେନ୍ଦ୍ର ମଲ୍ଲିକ, ଉପସଭାପତି ଭାବେ ଦୁର୍ଯ୍ୟୋଧନ ମହାନ୍ତି ଓ ଅକ୍ଷୟ କୁମାର ମଲ୍ଲିକ, ସଂପାଦକ ଭାବେ ବିଧାନ ଦାସ, ଯୁଗ୍ମ ସଂପାଦକ ଭାବେ ଗୁଣନିଧି ବଳ ଓ ଧନେଶ୍ୱର ରାଉତ, କୋଷାଧ୍ୟକ୍ଷ ଭାବେ ବାଳକାଟି ସରପଞ୍ଚ ଦିବାକର ନାୟକ, ସଭ୍ୟ ଭାବେ କାଳୀ ପ୍ରସାଦ ନାୟକ ଓ ବେଣୁଧର ପରିଡା ନିର୍ବାଚିତ ହୋଇଛନ୍ତି । ଏହି କମିଟି ଆଳି ବିଧାୟକ ଓ ବିଭାଗୀୟ ପଦସ୍ଥ ଅଧିକାରୀଙ୍କ ସହିତ ମେଗା ପାନୀୟ ଜଳ ପ୍ରକଳ୍ପ ସଂପର୍କରେ ଆଲୋଚନା କରିବା ପାଇଁ ସ୍ଥିର କରାଯାଇଛି ।

### ଖାଇବା ବେଳେ ଚାଳଘର ଭୁଶୁଡ଼ି ପଡିଲା

# ରକ୍ଷା ପାଇଗଲେ ୮୦ ବର୍ଷୀୟା ବୃଦ୍ଧା


ଭଙ୍ଗା ଘର ଆଗରେ ଦୁଲଣା ।

**ପଟ୍ଟାମୁଣ୍ଡାଇ, ୭।୧ (ସ୍ୱ.ପ୍ର)**

ପଟ୍ଟାମୁଣ୍ଡାଇ ବ୍ଲକ ସାନଜରିଆ ଗ୍ରାମର ୮୦ ବର୍ଷର ବୃଦ୍ଧା ଦୁଲଣା ରାଉତ ଅଳ୍ପକେ ରକ୍ଷା ପାଇ ଯାଇଛନ୍ତି । ସୋମବାର ଅପରାହ୍ନ ୨ଟା ବେଳେ ଦୁଲଣା ତାଙ୍କ ପୁଅ ବୋହୂ, ନାତିନାତୁଣୀଙ୍କ ସହିତ ଘରେ ଖାଉଥିବା ବେଳେ ଆକସ୍ମିକ ଭାବେ ୩ ବଖରା ଚାଳଘର ଭୁଶୁଡି ପଡିଥିଲା । କାନ୍ଥ ପଡିଥିଲେ ମଧ୍ୟ ୬ଜଣ ସଦସ୍ୟ ବିଶିଷ୍ଟ ଏହି ପରିବାର ରକ୍ଷା ପାଇ ଯାଇଛନ୍ତି । ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ବୃଦ୍ଧା ଦୁଲଣାଙ୍କ ସହିତ ଅନ୍ୟମାନଙ୍କୁ ଉଦ୍ଧାର କରିଥିଲେ । ଏହି ପରିବାର ଏବେ ଖୋଲା ଆକାଶ ତଳେ ଶୀତ କାକରରେ ପଡି ରହିଛନ୍ତି । ସାନଜରିଆ ରାଜସ୍ୱ ନିରୀକ୍ଷକ କିଶୋର ଖଟୁଆ ଓ ପଟ୍ଟାମୁଣ୍ଡାଇ ତହସିଲଦାର ଶରତ କୁମାର ଗିରିଙ୍କୁ ଖବର ଦିଆଯାଇଥିଲେ ମଧ ଏ ପର୍ଯ୍ୟନ୍ତ ବିପନ୍ନ ପରିବାରଙ୍କ ନିକଟକୁ କେହି ଯାଇନାହାନ୍ତି । ଏହି ପରିବାରକୁ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ମହିଳା ସରପଞ୍ଚଙ୍କ ସମେତ ଗ୍ରାମବାସୀ ଦାବି କରିଛନ୍ତି ।

## ତାଲା ଭାଙ୍ଗି ତେଜରାତି ଦୋକାନରୁ ଚୋରି

**ରାଜନଗର, ୭।୧(ଡି.ଏନ.ଏ.)**

ରାଜନଗର ଥାନା ଠାରୁ ୨ଶହ ମିଟର ଦୂରରେ ଥିବା ଏକ ତେଜରାତି ଦୋକାନରୁ ଦୁର୍ବୃତ୍ତମାନେ ତାଲା ଭାଙ୍ଗି ବିଭିନ୍ନ ସାମଗ୍ରୀ ସହ ନଗଦ ୧୦ହଜାର ଟଙ୍କା ଲୁଟି ନେଇଛନ୍ତି । ରାଜନଗର ବଜାର ନିକଟରେ ରାଜନଗର ଗାଁର ପଦ୍ମନାଭ ଲେଙ୍କାଙ୍କ ତେଜରାତି ଦୋକାନ ରହିଛି । ସୋମବାର ରାତି ୧୦ଟାରେ ସେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ । ମଙ୍ଗଳବାର ସକାଳ ୭ଟାରେ ଦୋକାନ ଖୋଲିବାକୁ ଆସି ଦୋକାନରୁ ଚୋରି ହୋଇଥିବା ଦେଖିବାକୁ ପାଇଥିଲେ । ଏ ନେଇ ପଦ୍ମନାଭ ରାଜନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ।

# ୧୯ରୁ ପୋଲିଓ ଟିକାକରଣ



ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ ।

**କେନ୍ଦ୍ରାପଡା ଅଫିସ, ୭।୧**

ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପଲ୍‌ସ ପୋଲିଓ ଟିକାକରଣ ଅଭିଯାନ ସମ୍ପର୍କିତ ଜିଲାସ୍ତରୀୟ ଟାସ୍କଫୋର୍ସର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ସମର୍ଥ ବର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଟିକାକରଣ ଅଭିଯାନ ସମ୍ପର୍କରେ ଆଲୋଚନା ହୋଇଥିଲା । ଚଳିତମାସ ୧୯, ୨୦ ଓ ୨୧ ତାରିଖରେ ଜିଲାର ସମସ୍ତ ୫ ବର୍ଷରୁ କମ ବୟସର ଶିଶୁଙ୍କୁ ଏହି ଟିକା ଦାନ କାର୍ଯ୍ୟକ୍ରମ ସ୍ଥିର ହୋଇଛି । ବିଶେଷ କରି ଯେଉଁ ସ୍ଥାନରେ ଗତଥର ସମସ୍ୟା ଥିଲା ଓ କୌଣସି କାରଣରୁ ଶିଶୁ ଟୀକାକରଣରୁ ବଞ୍ଚିତ ହୋଇଥିଲେ, ସେହି ସ୍ଥାନକୁ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ପରିଦର୍ଶନ କରି ଟିକାକରଣକୁ ସୁନିଶ୍ଚିତ କରିବାକୁ ଜିଲାପାଳ ବର୍ମା ପରାମର୍ଶ ଦେଇଥିଲେ । ସେହିପରି ଜିଲାର ବିଭିନ୍ନ ସ୍ଥାନରେ ରହିଥିବା ଯାଯାବର ଶ୍ରେଣୀ, ଇଟାଭାଟି ସ୍ଥଳ, ବସଷ୍ଟାଣ୍ଡ ଆଦି ସ୍ଥାନରେ ଶିଶୁଙ୍କୁ ଟିକାକରଣ କରାଯିବ ବୋଲି ଆଲୋଚନା ହୋଇଥିଲା । ପ୍ରଚାରପତ୍ର, ଲିଫଲେଟ ଛପା ଯାଇ ଜିଲାର ସମସ୍ତ ବ୍ଲକ, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ପଞ୍ଚାୟତ କାର୍ଯ୍ୟାଳୟ, ଜନଗହଳିପୂର୍ଣ୍ଣ ଅଞ୍ଚଳରେ ଲଗାଯିବ । ସମସ୍ତ ବିଦ୍ୟାଳୟରେ ପ୍ରାର୍ଥନା ସମୟରେ ଏନେଇ ସଚେତନତା ସୃଷ୍ଟି କରାଯିବା ପାଇଁ ବିଭିନ୍ନ ଅଧିକାରୀଙ୍କୁ ଦାୟିତ୍ୱ ଦିଆ ଯାଇଥିଲା । ଅଙ୍ଗନୱାଡି କର୍ମୀ ଓ ଆଶା ଦିଦି ନିଜ ଅଞ୍ଚଳର ପ୍ରଚାର ଦାୟିତ୍ୱରେ ରହିବେ ବୋଲି ଏହି ବୈଠକରେ ନିଷ୍ପତ୍ତି ହୋଇଥିଲା । ଏହି ବୈଠକରେ ସିଡିଏମଓ ଡା. ଉର୍ମିଳା ମିଶ୍ର, ଏଡିଏମଓ ଡା. ମିର୍ଜା ବାବର ବେଗ, ଡ. ଦୀପକ କର, ଡିଇଓ କଳ୍ପନା ବେହେରାଙ୍କ ସମେତ ବିଭିନ୍ନ ପଦାଧିକାରୀ ଯୋଗ ଦେଇଥିଲେ । ସୂଚନାଯୋଗ୍ୟ ଯେ, ଜିଲାରେ ୦ରୁ ୫ ବର୍ଷ ମଧ୍ୟରେ ଥିବା ପ୍ରାୟ ୧,୧୯,୨୭୨ ଶିଶୁଙ୍କୁ ନିର୍ଦ୍ଧାରିତ ଦିନରେ ୬୫୦ଟି ବୁଥ ମାଧ୍ୟମରେ ଟିକାଦାନ ହେବ ବୋଲି ସୂଚନା ମିଳିଛି ।

## ଗାନ୍ଧୀଭବନ ପାଇଁ ପୂର୍ତ୍ତମନ୍ତ୍ରୀଙ୍କ ଘୋଷଣା

**କେନ୍ଦ୍ରାପଡା ଅଫିସ, ୭।୧**

କେନ୍ଦ୍ରାପଡା ସହରର ଗରାପୁରସ୍ଥ ଡାକବଙ୍ଗଳାରେ ୧୯୩୪ ମେ ମାସରେ ମହାତ୍ମା ଗାନ୍ଧୀ ଅବସ୍ଥାନ କରିଥିଲେ । ଏହି ସ୍ମୃତିକୁ ଉଜ୍ଜୀବିତ ରଖିବା ପାଇଁ ଗରାପୁରସ୍ଥ ଡାକବଙ୍ଗଳାକୁ ଗାନ୍ଧୀଭବନ ବୋଲି ରାଜ୍ୟ ପୂର୍ତ୍ତମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ମଙ୍ଗଳବାର ଘୋଷଣା କରିଛନ୍ତି । ଏହି ଅବସରରେ ସେ କହିଛନ୍ତି ଯେ, ଗାନ୍ଧୀଭବନ ପରିସରରେ ଥିବା ୪ଓ ୫ ନଂ ସୁଟକୁ ଅସ୍ଥାୟୀ ଭାବେ ପୂର୍ତ୍ତ ବିଭାଗର ଅସ୍ଥାୟୀ ଡାକ ବଙ୍ଗଳା ଭାବେ ବ୍ୟବହାର କରାଯିବ । ପୂର୍ତ୍ତମନ୍ତ୍ରୀ ମଲ୍ଲିକ ପୂର୍ବାହ୍ନରେ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟରେ ପହଞ୍ଚି ଥିଲେ । ସେଠାରେ ଥିବା ସମସ୍ୟା ସମ୍ପର୍କରେ ଅଧ୍ୟକ୍ଷ ଡ. ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀଙ୍କ ଠାରୁ ବୁଝିବା ପରେ ଗରାପୁର ଡାକବଙ୍ଗଳାକୁ ଆସିଥିଲେ । ପରେ କପାଳେଶ୍ୱର ପ୍ରାଥମିକ ବିଦ୍ୟାଳୟ ଓ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପରିଦର୍ଶନ କରିଥିଲେ । ମନ୍ତ୍ରୀ ମଲ୍ଲିକଙ୍କ ଏହି ଗସ୍ତ ସମୟରେ କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରା, ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ, ବ୍ଲକ ଅଧ୍ୟକ୍ଷ ଅନାମବନ୍ଧୁ ଧଳ, ଜିଲା ସ୍ୱାଧୀନତା ସଂଗ୍ରାମୀ ସମିତି ସଭାପତି ନକୁଳ ଚରଣ ଦାସ, ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି ଦୁର୍ଗାଶିଷ ମହାନ୍ତିଙ୍କ ସମେତ ବହୁ ଦଳୀୟ କର୍ମକର୍ତ୍ତା ଥିଲେ ।

### ■ ୪୦ ଦିନ ବିତିଲା:ପୋଲିସ ହାତ ଖାଲି

# ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଧାରଣା

**ମହାକାଳପଡା,୭।୧(ଡି.ଏନ୍.ଏ.)**


ଥାନା ପରିସରରେ ଗ୍ରାମବାସୀ ଧାରଣାରେ ବସିଛନ୍ତି ।

ମହାକାଳପଡା ଥାନା ଅଧୀନ ଜଅଁରା ଗ୍ରାମର ଅଶୋକ ପରିଡା(୩୮)ହତ୍ୟା ଘଟଣାର ୪୦ ଦିନ ବିତିଥିଲେ ମଧ ଅଭିଯୁକ୍ତ ଅଦ୍ୟାବଧି ଗିରଫ ହୋଇନାହିଁ । ଫଳରେ ପରିବାର ଲୋକେ ନ୍ୟାୟ ପାଇଁ ଚାହିଁ ବସିଛନ୍ତି । ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ଦାବିରେ ମଙ୍ଗଳବାର ମୃତକଙ୍କ ପରିବାର ସଦସ୍ୟ ଓ ଗ୍ରାମବାସୀ ମହାକାଳପଡା ଥାନା ପରିସରରେ ଧାରଣା ଦେଇଥିଲେ । ଖବରପାଇ ଏସ୍‌ଡିପିଓ ରାଜୀବ ଲୋଚନ ପଣ୍ଡା, ଅତିରିକ୍ତ ତହସିଲଦାର ଅଜିତ ସାହୁ, ଥାନାଧିକାରୀ ମନୋରଞ୍ଜନ ଚୌଧୁରୀ ଧାରଣାରତ ଗ୍ରାମବାସୀଙ୍କ ନିକଟରେ ପହଞ୍ଚି ଖୁବଶୀଘ୍ର ଆଇନଗତ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ମଧ ଗ୍ରାମବାସୀ ବୁଝି ନ ଥିଲେ । ଏସ୍.ପି. ନୀତିଶେଖର ଘଟଣାସ୍ଥଳରେ ପହଞ୍ଚି ଆଲୋଚନା କରିବା ପରେ ଯାହା କିଛି ନିଷ୍ପତ୍ତି ନିଆଯିବ ବୋଲି ଗ୍ରାମବାସୀ ଜିଦ୍‌ରେ ଅଟଳ ରହିଥିଲେ । ଶେଷରେ ଏସ୍‌ପି ଏଥିରେ ହସ୍ତକ୍ଷେପ କରି ଆସନ୍ତା ୧୫ ଦିନ ମଧ୍ୟରେ ବିହିତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ଧାରଣାରୁ ଓହରି ଯାଇଥିଲେ । ମୃତକ ଅଶୋକଙ୍କ ପରିବାର ସମେତ ଗ୍ରାମର ବିଜୟ ପଣ୍ଡା, ସୁନାକର ପରିଡା, ଅଭୟ ପରିଡା, ଅଜୟ ପରିଡା, ବିଜୟ ଖଣ୍ଡୁଆଳ, ନୀଳମଣି ଖଣ୍ଡୁଆଳ, ଚନ୍ଦ୍ରମଣି ଖଣ୍ଡୁଆଳଙ୍କ ସମେତ ବହୁସଂଖ୍ୟାରେ ମହିଳା ଧାରଣାରେ ସାମିଲ ହୋଇଥିଲେ ।

ସୂଚନାଯୋଗ୍ୟ ଯେ, ମହାକାଳପଡା ଥାନା ଅଧୀନ ଜଅଁରା ଗ୍ରାମରେ ଗତବର୍ଷ ନଭେମ୍ବର ୨୮ ତାରିଖ ଦିନ ଫକିର ପରିଡ଼ାଙ୍କ ପୁଅ ଅଶୋକଙ୍କୁ ହତ୍ୟା କରାଯାଇ ସେହି ଗ୍ରାମର ପ୍ରମୋଦ ସାହୁଙ୍କ ବାଡି ପୋଖରୀରେ ପକାଇ ଦିଆଯାଇଥିବା ଅଭିଯୋଗ ହୋଇଥିଲା । ପୋଲିସ ପକ୍ଷରୁ ଏହି ଘଟଣାରେ ନଂ.୧୪୬/୧୯ରେ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିଲେ ମଧ୍ୟ ପରିବାର ଲୋକଙ୍କୁ ଅଦ୍ୟାବଧି ନ୍ୟାୟ ମିଳିନାହିଁ । ଫଳରେ ପରିବାରବର୍ଗ ଗ୍ରାମବାସୀଙ୍କ ସହ ଧାରଣା ଦେଇଥିଲେ ।

## ସଂକ୍ଷେପରେ

### ଅଗ୍ନି ବିପନ୍ନଙ୍କୁ ସହାୟତା

**ରାହାମା,୭ା୧(ଡି.ଏନ.ଏ.):** ନିକଟରେ କୁଜଙ୍ଗ ବ୍ଲକ ଅଧୀନ ପଙ୍କପୁର ପଞ୍ଚାୟତ ବୋରିଖି ଗ୍ରାମରେ ଆକସ୍ମିକ ଅଗ୍ନିକାଣ୍ଡ ଘଟି ବଳରାମ ସେଠୀଙ୍କ ଘର ଜଳି ଯାଇଥିଲା। ତାଙ୍କ ମା'ପୋଡ଼ି ହୋଇ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଥିଲେ। ବଳରାମଙ୍କ ସମେତ ପରିବାରର ଅନ୍ୟ ଚାରିଜଣ ଆହତ ହୋଇଥିଲେ। ବଳରାମଙ୍କ କୌଣସି ଆୟ ପନ୍ଥା ନ ଥିବାରୁ ପରିବାର ଦୁଃଖରେ ଦିନ କାଟୁଛନ୍ତି। ଏହି ଖବର ପାଇବାପରେ ତିର୍ତ୍ତୋଲର ସାମାଜିକ କର୍ମୀ ଇଂ. ହିମାଂଶୁ ଭୂଷଣ ମଲ୍ଲିକ ବଳରାମଙ୍କ ପରିବାରକୁ ସହାୟତାର ହାତ ବଢ଼ାଇଛନ୍ତି। ହିମାଂଶୁ ତାଙ୍କ ସହଯୋଗୀ ଶ୍ରୀପତି ଲେଙ୍କା, ସ୍ମୃତିରଞ୍ଜନ ସ୍ୱାଇଁ, ସୁଦାମ ସ୍ୱାଇଁ, ସ୍ମୃତିରଞ୍ଜନ ଚୌଧୁରୀ ଓ ଜ୍ଞାନରଞ୍ଜନ ସ୍ୱାଇଁଙ୍କ ସହିତ ଯାଇ ଅଗ୍ନି ବିପନ୍ନ ପରିବାରକୁ ଭେଟି ଶୀତବସ୍ତ୍ର ଓ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।

### ଆଦର୍ଶ ଶିକ୍ଷକଙ୍କ ସ୍ମୃତିସଭା

**ବାଲିଆ, ୭ା୧:** ବିରିଡି ବ୍ଲକ ୨୨ ମୌଜା ଶଂଖାରୀସାହି ଗ୍ରାମର ଆଦର୍ଶ ଶିକ୍ଷକ ଜଗନ୍ ମୋହନ୍ ସାମନ୍ତରାୟଙ୍କ ଏକାଦଶାହ ତିଥି ଅବସରରେ ତାଙ୍କ ବାସଭବନରେ ଏକ ସ୍ମୃତିଚାରଣ ସଭା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିରିଡି ବ୍ଲକର ପୂର୍ବତନ ଉପାଧ୍ୟକ୍ଷ ଶିବପ୍ରସାଦ ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଶ୍ୟାମସୁନ୍ଦର ପାଇକରାୟ, ବ୍ରହ୍ମାନନ୍ଦ ଜେନା, ରବୀନ୍ଦ୍ର କୁମାର ଦଳାଇ, ଲିଙ୍ଗରାଜ ରାଉତରାୟ, ପଞ୍ଚାନନ ଭୂୟାଁ, ମଙ୍ଗୁଳି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପୃଷ୍ଠପୋଷକ ଗୟାଧର ମହାନ୍ତିଙ୍କ ସମେତ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ରାଉତରାୟ ଓ ଚିତ୍ତରଞ୍ଜନ ସାମନ୍ତରାୟ ପ୍ରମୁଖ ଯୋଗ ଦେଇଥିଲେ। ସାଇଲୋ ଗୋବିନ୍ଦପୁର ହାଇସ୍କୁଲ ପ୍ରତିଷ୍ଠା କରିବାରେ ସ୍ୱର୍ଗତ ସାମନ୍ତରାୟଙ୍କ ପ୍ରମୁଖ ଅବଦାନ ରହିଥିଲା ବୋଲି ସଭାରେ ମତପ୍ରକାଶ ପାଇଥିଲା। ମୃତ୍ୟୁ ପରେ କିଭଳି ମଣିଷର ଘଟ ପରିବର୍ତ୍ତନ ହୁଏ, ସେ ସମ୍ପର୍କରେ ଶିକ୍ଷକ ଶରତ ଚନ୍ଦ୍ର ରାଉତରାୟ ଶ୍ଳୋକ ମାଧ୍ୟମରେ ବୁଝାଇଥିଲେ। ଏହାପରେ ସ୍ୱର୍ଗତ ସାମନ୍ତରାୟଙ୍କ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ସମ୍ବନ୍ଧରେ ଶିବ ପ୍ରସାଦ ଜେନା କହିଥିଲେ। ସ୍ୱର୍ଗତ ସାମନ୍ତରାୟଙ୍କ ପୁତ୍ର ଶଶିଭୂଷଣ ସାମନ୍ତରାୟ ଓ ଝିଅ,ଜ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ

**ବାଲିଆ, ୭ା୧:** ବିରିଡି ବ୍ଲକ ଅଧୀନ ଉତ୍ତରଶାସନ ପଞ୍ଚାୟତସ୍ଥିତ ମହାବୀର ସରକାରୀ ଉଚ୍ଚ ବିଦ୍ୟାଳୟରେ ଛାତ୍ରୀମାନଙ୍କ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଗତ ୩ ତାରିଖଠାରୁ ଆରମ୍ଭ ହୋଇଥିବା ଶିବିରରେ ୫୧ ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ପ୍ରଶିକ୍ଷକ ଭାବେ ଗରାସୁଣି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଜ୍ଞାପରମିତା ଦଳାଇ ଓ ନୀଳମଣି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଜ୍ୟୋତ୍ସ୍ନାରାଣୀ ରାଉତ ଯୋଗଦେଇଥିଲେ। ଆବଶ୍ୟକସ୍ଥଳେ ଛାତ୍ରୀମାନେ କିପରି ନିଜର ସୁରକ୍ଷା କରିପାରିବେ, ସେ ନେଇ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ସ୍କୁଲର ଶିକ୍ଷୟିତ୍ରୀଶିକ୍ଷକମାନେ ଶିବିର ପରିଚାଳନା କରିଥିଲେ।

### ବ୍ୟବସାୟୀଙ୍କ ବିୟୋଗରେ ବଜାର ବନ୍ଦ

**ତିର୍ତ୍ତୋଲ, ୭ା୧ (ଡି.ଏନ୍.ଏ.):** ତିର୍ତ୍ତୋଲ ନେହେରୁ ବଜାରଠାରେ ଦୀର୍ଘ ବର୍ଷ ଧରି ହୋଟେଲ ବ୍ୟବସାୟ କରିଥିବା ଘନଶ୍ୟାମ ସାହୁ(୮୨)ଙ୍କ ପରଲୋକରେ ମଙ୍ଗଳବାର ବଜାରର ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିଥିଲା। ତାଙ୍କ ବିୟୋଗରେ ନେହେରୁ ବଜାର କମିଟି ତରଫରୁ ଶୋକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ବଜାର କମିଟି ସଭାପତି ନରହରି ମିଶ୍ର ସଭାପତିତ୍ୱ କରିଥିଲେ। ତାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏଥିରେ ବଜାର କମିଟି ସମ୍ପାଦକ ବଟକୃଷ୍ଣ ଦାଶ, ଦିଲ୍ଲୀ ଦୂରଦର୍ଶନର ଅବସରପ୍ରାପ୍ତ ଡେପୁଟି ଡାଇରେକ୍ଟର ନିତ୍ୟାନନ୍ଦ ଜେନା, ସହ ସମ୍ପାଦକ ଶ୍ରୀକୃଷ୍ଣ ନାୟକ, ସାମାଜିକ କର୍ମୀ ନରେଶ ମହାପାତ୍ର, ଯୁଧିଷ୍ଠିର ସାହୁ, ନିରଞ୍ଜନ ପ୍ରଧାନ, ଲୋକନାଥ ସାହୁ, ତୃପ୍ତିରଞ୍ଜନ ଦାଶ, ଚିତ୍ତରଞ୍ଜନ ସେଠୀ, ସୁବାସ ଗୁରୁ, କିଶୋର ବିଶ୍ୱାଳ, ଶୁକଦେବ ନାଥ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ସାହୁଙ୍କ ସ୍ମୃତି ଚାରଣ କରିଥିଲେ।

# ଅସୁରକ୍ଷିତ ଶିଆଳି ଭିୟୁ ଟାୱାର

**ରକ୍ଷଣାବେକ୍ଷଣ ଅଭାବ**



ଶିଆଳି ଭିୟୁ ଟାୱାରର ସୁରକ୍ଷା ପାଇଁ ନିର୍ମିତ ପଥରବନ୍ଧ।

- ଆବଶ୍ୟକ ମରାମତି ହେଉନି, ବିମ୍‌ରୁ ଖସୁଛି ସିମେଣ୍ଟ ଖଣ୍ଡ
- ପରିତ୍ୟକ୍ତ ଅବସ୍ଥାରେ ଶୌଚାଳୟ

**ଏରସମା, ୭ା୧ (ସ୍ୱ.ପ୍ର.)**

ଜଗତ୍‌ସିଂହପୁର ଜିଲାର ଅନ୍ୟତମ ମୁଖ୍ୟ ପର୍ଯ୍ୟଟନସ୍ଥଳୀ ତଥା ଏରସମା ବ୍ଲକ ଅଧୀନ ପଦ୍ମପୁର ପଞ୍ଚାୟତସ୍ଥିତ ଶିଆଳି ସମୁଦ୍ର ବେଳାଭୂମି ନିକଟରେ ଥିବା ଭିୟୁ ଟାୱାର ଅସୁରକ୍ଷିତ ହୋଇପଡିଛି। ରକ୍ଷଣାବେକ୍ଷଣ ଅଭାବ ସାଙ୍ଗକୁ ସମୁଦ୍ର ଜଳପତ୍ତନ ବୃଦ୍ଧି ଏହାର ପ୍ରମୁଖ କାରଣ ପାଲଟିଛି। ବିଭାଗୀୟ କର୍ତ୍ତୃପକ୍ଷ ଏହାର ଆବଶ୍ୟକ ମରାମତି ଦିଗରେ ଦୃଷ୍ଟି ନ ଦେଲେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି ଭିୟୁ ଟାୱାର ଭାଙ୍ଗି ପଡ଼ିବ ବୋଲି ଆଶଙ୍କା ପ୍ରକାଶ ପାଇଛି।

ଶିଆଳି ବେଳାଭୂମି ଓଡ଼ିଶା ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ପାଇଛି। ମାତ୍ର ଏବେ ରକ୍ଷଣାବେକ୍ଷଣ ଅଭାବରୁ ଉକ୍ତ ବେଳାଭୂମିଠାରେ ନିର୍ମିତ ଭିୟୁ ଟାୱାର ଜରାଜୀର୍ଣ୍ଣ ହୋଇପଡିଲାଣି। ଟାୱାରରେ ଲାଗିଥିବା କମକୂଟରୁ ସିମେଣ୍ଟ ଖଣ୍ଡ ଛାଡିଲାଣି। ଗ୍ରୀଲରେ କଳଙ୍କି ଲାଗି ଯାଇଥିବା ବେଳେ ଉପର ବିମ୍ ଫାଟି ସିମେଣ୍ଟ ଖସୁଛି। ଟାୱାରରୁ ରଙ୍ଗ ଛାଡ଼ି ଗଲାଣି। ଉପରେ କରାଯାଇଥିବା ଶୌଚାଳୟ ପରିତ୍ୟକ୍ତ ଅବସ୍ଥାରେ ପଡିରହିଛି। ଏତଦ୍‌ବ୍ୟତୀତ ଭିୟୁ ଟାୱାର ନିର୍ମାଣ ବେଳେ ଏହା ସମୁଦ୍ରଠାରୁ ୧୦୦ ମିଟର ଦୂରରେ ଥିଲା। ମାତ୍ର ସମୁଦ୍ର ଜଳ ପତ୍ତନ ଆଶାତୀତ ବୃଦ୍ଧି ପାଇଥିବାରୁ ଭିୟୁ ଟାୱାରର ସୁରକ୍ଷା ପାଇଁ ନିର୍ମାଣ କରାଯାଇଥିବା ପଥର ବନ୍ଧଠାରୁ ସମୁଦ୍ର ଏବେ ମାତ୍ର ୧୦ ମିଟର ଦୂରରେ ରହିଛି। ଏଥିସହିତ ବନ୍ଧରେ ଦିଆଯାଇଥିବା ବାଲିବସ୍ତା ମଧ୍ୟ ଧୋଇଗଲାଣି। କୌଣସି ବିପର୍ଯ୍ୟୟ ସମୟରେ ସମୁଦ୍ର ପାଣି କୂଳ ଲଂଘିବା ଆଶଙ୍କାରେ ଅଞ୍ଚଳବାସୀ ଆତଙ୍କିତ ହୋଇପଡିଛନ୍ତି। ଅପରପକ୍ଷେ ପଥର ବନ୍ଧ ମଧ୍ୟ ବହୁ ନିମ୍ନରେ ରହିଥିବାରୁ ତାହା ଭିୟୁ ଟାୱାରକୁ କିପରି ସୁରକ୍ଷା ଦେବ, ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

ସୂଚନାଥାଉ କି, ୨୦୦୫ରୁ ଏରସମାର ତତ୍କାଳୀନ ବିଡିଓ ମୁରଲୀଧର ସ୍ୱାଇଁ ଓ ପୂର୍ବତନ ମନ୍ତ୍ରୀ ଡା. ଦାମୋଦର ରାଉତଙ୍କ ପ୍ରଚେଷ୍ଟାରେ ଶିଆଳି ବେଳାଭୂମିର ବିଭିନ୍ନ ଉନ୍ନତୀକରଣ କରାଯାଇଥିବା ବେଳେ ବାଲିକୁଦା-ଏରସମାର ପୂର୍ବତନ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲିଙ୍କ ଉଦ୍ୟମରେ ଏହା ପର୍ଯ୍ୟଟନ ସ୍ଥଳୀ ଭାବେ ମାନ୍ୟତା ପାଇଛି। ରାସ୍ତାଘାଟ ପୁନରୁଦ୍ଧାରଠାରୁ ଆରମ୍ଭ କରି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଝାଉଁ ଜଙ୍ଗଲ ପୁନରୁଦ୍ଧାର କରାଯାଇ ଭିୟୁ ଟାୱାର ତଥା ପାନ୍ଥ ନିବାସ ପ୍ରତିଷ୍ଠା କରାଯାଇଛି। ଗୋଟିଏ ପଟେ ଦିଗନ୍ତ ବିସ୍ତାରୀ ସମୁଦ୍ର ଓ ଅପରପଟରେ ସବୁଜ ଝାଉଁ ଜଙ୍ଗଲ ଶିଆଳି ବେଳାଭୂମିର ଶୋଭାବର୍ଦ୍ଧନ କରୁଥିବାରୁ ଏଠାରେ ହଜାର ହଜାର ପର୍ଯ୍ୟଟକଙ୍କ ସମାଗମ ହେଉଛି। ହେଲେ ଏହାର ରକ୍ଷଣାବେକ୍ଷଣ କ୍ଷେତ୍ରରେ ଦୃଷ୍ଟି ଦିଆଯାଉ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

# କଠିନ ବର୍ଜ୍ୟବସ୍ତୁ ପରିଚାଳନା କାର୍ଯ୍ୟ ତଦାରଖ

**ବିରିଡି, ୭ା୧ (ଡି.ଏନ୍.ଏ.)**

କଠିନ ବର୍ଜ୍ୟବସ୍ତୁ ପରିଚାନଳା ନିମନ୍ତେ ବିରିଡ଼ି ବ୍ଲକ ହାଜିପୁର ପଞ୍ଚାୟତକୁ ପାଇଲଟ ପ୍ରୋଜେକ୍ଟ ଭାବେ ଗ୍ରହଣ କରାଯାଇଛି। ଏହାର ପରିଚାଳନା କାର୍ଯ୍ୟ ତଦାରଖ ପାଇଁ ମଙ୍ଗଳବାର ରାଜ୍ୟ କଠିନ ବର୍ଜ୍ୟବସ୍ତୁ ପରିଚାଳନା କମିଟି ଅଧ୍ୟକ୍ଷ ଜଷ୍ଟିସ ପି.କେ. ମହାନ୍ତି, ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ମୁମ୍ବାଇର ସେକ୍ରେଟାରୀ ଦେବୀପ୍ରସାଦ ବିଶ୍ୱାଳ, ପିଆର୍ ଓ ଡିଡବ୍ଲ୍ୟୁ ବିଭାଗ ଯୁଗ୍ମ ସଚିବ ସୁବାସ ଦାସ, ହାଜିପୁର ସରପଞ୍ଚ ବିମଳ ପ୍ରସାଦ ସେଠୀ, ଜଗତ୍‌ସିଂହପୁର ଆରଡବ୍ଲ୍ୟୁଏସ୍‌ଏସ୍ ନିର୍ବାହୀ ଯନ୍ତ୍ରୀ ସିଆର୍ ଜେନା, ୟୁନିସେଫ୍ ଓ ପିଆର ବିଭାଗ ରାଜ୍ୟ ପରାମର୍ଶଦାତା ଯୋଗେନ୍ଦ୍ର ସିଂ, ୟୁନିସେଫ୍‌ର ପରାମର୍ଶଦାତା ଗଣେଶରାମ ପଣ୍ଡା, ଭବାନୀ କୁମାରୀ ପାଢ଼ୀ, ପ୍ରଣବ ପାଣିଗ୍ରାହୀ, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ସରୋଜ କୁମାର ମହାନ୍ତି, ବିଡିଓ ଜୀବନ ଚନ୍ଦ୍ର ମଲ୍ଲିକ, ଆରଡବ୍ଲ୍ୟୁଏସ୍‌ଏସ୍ ସହକାରୀ ଯନ୍ତ୍ରୀ ରବୀନ୍ଦ୍ର କୁମାର ସେଠୀ, କନିଷ୍ଠ ଯନ୍ତ୍ରୀ ସ୍ନିଗ୍ଧା ପ୍ରିୟଦର୍ଶିନୀ ଯୋଗଦେଇ ବିଭିନ୍ନ ବିଭାଗ ଓ ସାଧାରଣ ଲୋକଙ୍କ ଦ୍ୱାରା ସଂଗୃହୀତ ୧ ଟନ ୯୭ କିଗ୍ରା କଠିନ ବର୍ଜ୍ୟବସ୍ତୁକୁ ଦେଖିଥିଲେ। ପଞ୍ଚାୟତ ପରିସରରେ ରଖାଯାଇଥିବା ନମୁନାକୁ ମଧ୍ୟ ବୁଲି ଦେଖିଥିଲେ। ଏହାପରେ ହାଜିପୁର ଗ୍ରାମକୁ ଯାଇ ଲୋକମାନଙ୍କ ଘର ସମ୍ମୁଖରେ ସଂଗୃହୀତ ହୋଇ ରହିଥିବା କଠିନ ବର୍ଜ୍ୟବସ୍ତୁକୁ ଦେଖିବା ସହିତ ସେମାନଙ୍କର ଶୌଚାଳୟ ଠିକ୍ ଭାବେ କାର୍ଯ୍ୟକ୍ଷମ ହେଉଛି କି ନାହିଁ ତାହାର ତଦାରଖ କରି ସନ୍ତୋଷ ବ୍ୟକ୍ତ କରିଥିଲେ।



ରାଜ୍ୟ କଠିନ ବର୍ଜ୍ୟବସ୍ତୁ ପରିଚାଳନା କମିଟି ସଦସ୍ୟ ବର୍ଜ୍ୟବସ୍ତୁ ବୁଲି ଦେଖୁଛନ୍ତି।

# ନିଶା କବଳରେ ଯୁବପିଢ଼ି

**ବେଆଇନ ବ୍ୟବସାୟୀଙ୍କ ଟେର୍ ପାଉନି ପୋଲିସ**

**ନାଉଗାଁ, ୭ା୧ (ସ୍ୱ.ପ୍ର.)**

ନିଶାମୁକ୍ତ ଓଡ଼ିଶା ଗଠନ ପାଇଁ ବିଭିନ୍ନ ସମୟରେ ଆନ୍ଦୋଳନ ହେଉଥିବା ବେଳେ ନିଶା କାରବାର ବନ୍ଦ କରିବା ଲାଗି ଅନେକ ସମୟରେ ବିଭିନ୍ନ ସଂଗଠନ ଓ ଏସ୍‌ଏଚ୍‌ଜି ପକ୍ଷରୁ ବିକ୍ଷୋଭ କରାଯାଉଛି। ଏହାସତ୍ତ୍ୱେ ସହରଠାରୁ ଆରମ୍ଭ କରି ଗାଁର ପ୍ରତି ଗଳିକନ୍ଦିରେ ବେଆଇନ ନିଶା କାରବାର ହେଉଛି। ଏହି ନିଶା କବଳରେ ପଡୁଛନ୍ତି ଯୁବପିଢ଼ି। କଲେଜ ପଢୁଆ ପିଲା ଏବଂ ବିଶେଷକରି ଅଧାରୁ ପାଠ ଛାଡ଼ିଥିବା ପିଲାମାନେ ମଦ, ଗଞ୍ଜେଇ ଓ ବ୍ରାଉନ୍‌ସୁଗାର ଆଦି ସେବନ କରୁଛନ୍ତି। ଫଳରେ ସେମାନଙ୍କ ଭବିଷ୍ୟତ ଅନ୍ଧାରକୁ ଚାଲିଯାଉଥିବା ବେଳେ ପରିବାର ଲୋକଙ୍କୁ ମଧ୍ୟ ଅନେକ ଅସୁବିଧା ଭୋଗିବାକୁ ପଡୁଛି। ତେବେ ଗତ କିଛିଦିନ ହେବ ନାଉଗାଁ ବ୍ଲକ ଅଞ୍ଚଳର ଯୁବପିଢ଼ି ବ୍ରାଉନ୍‌ସୁଗାର ଭଳି ମାରାତ୍ମକ ନିଶା କବଳରେ ପଡିଥିବା ନେଇ ଅଭିଭାବକମାନେ ଚିନ୍ତାବ୍ୟକ୍ତ କରିଛନ୍ତି।

ନାଉଗାଁ ବଜାର, ଗଙ୍ଗଦା ବଜାର ସମେତ ଆଖପାଖର ବିଭିନ୍ନ ନିଛାଟିଆ ଛକ ସ୍ଥାନରେ ବ୍ରାଉନ୍‌ସୁଗାର ବିକ୍ରି କରାଯାଉଥିବାରୁ ଯୁବଗୋଷ୍ଠୀ ଏହାକୁ ଅନାୟାସରେ ପାଇପାରୁଛନ୍ତି। ଏ ସବୁରୁ ନିବୃତ୍ତ ରଖିବା ପାଇଁ ପରିବାର ଲୋକେ ପିଲାମାନଙ୍କୁ ଘରେ ଆକଟ କରି ରଖିବାଠାରୁ ଆରମ୍ଭ କରି ମାରପିଟ୍ ମଧ୍ୟ କରୁଛନ୍ତି। ତେବେ କେତେକ ଯୁବକଙ୍କୁ ଏହି ନିଶାଠାରୁ ଦୂରେଇ ରଖାଯିବା ଯୋଗୁ ସେମାନେ ଅସୁସ୍ଥ ହୋଇପଡୁଥିବା ଦେଖାଯାଉଛି। ସେମାନଙ୍କ ମଧ୍ୟରୁ କେତେଜଣ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ଥିବା ସେମାନଙ୍କ ପରିବାର ପକ୍ଷରୁ ସୂଚନା ମିଳିଛି। ନାଉଗାଁ ଅଞ୍ଚଳରେ ନିଶାଦ୍ରବ୍ୟ କାରବାର ଦିନକୁ ଦିନ ବ୍ୟାପକ ହେଉଥିବା ବେଳେ ପୋଲିସ ଏହାର ସୁରାକ ପାଉନି। ଅନ୍ୟପଟେ ଏହି ବେଆଇନ ବ୍ୟବସାୟରେ ଜଣେ ଯୁବକ ସମ୍ପୃକ୍ତ ଥିବା ଶୁଣାଯାଉଥିବା ବେଳେ ତାଙ୍କ ନାଁରେ ବିଭିନ୍ନ ଥାନାରେ ଆପରାଧିକ ମାମଲା ରହିଛି। ତେବେ ଯୁବକ ଜଣକ ତାଙ୍କର କେତେଜଣ ସହଯୋଗୀଙ୍କ ସହଯୋଗରେ ବ୍ରାଉନସୁଗାର ବ୍ୟବସାୟ ଚଳାଇଛନ୍ତି। ପ୍ରତିଦିନ ଏହାର ବିକ୍ରି କରିବା ଜାଗା ବଦଳାଉଥିବାରୁ ପୋଲିସ ସେମାନଙ୍କ ଟେର୍ ପାଉନି। ଫଳରେ ସ୍ଥାନୀୟ ଅଞ୍ଚଳର ଯୁବପିଢ଼ି ନିଶା କବଳରେ ପଡିବା ସହ ନାନା ଅସାମାଜିକ କାର୍ଯ୍ୟରେ ଲିପ୍ତ ରହୁଛନ୍ତି। ଏ ସମ୍ପର୍କରେ ନାଉଗାଁ ଥାନାଧିକାରୀ ପ୍ରଜ୍ଞା ରୀତାମ୍ବର କରଙ୍କୁ ପଚାରିବାରେ ଏ ନେଇ ଅଭିଯୋଗ ହେବା ପରେ ଥାନା ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। କିନ୍ତୁ ସେହି ସ୍ଥାନରୁ କିଛି ମିଳି ନ ଥିଲା। ଏବେ ବି ଚଢ଼ାଉ ଜାରି ରହିଥିବା ବେଳେ ଏ ଦିଗରେ ତୀକ୍ଷ୍ଣ ନଜର ରଖାଯାଇଛି।



ବିରିଡି ବ୍ଲକ ଉତ୍ତରଶାସନ ପଞ୍ଚାୟତସ୍ଥିତ ମହାବୀର ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିରରେ ଛାତ୍ରୀମାନେ।

## ଜୀବନ ନେବ ମୁକୁଳା ଟ୍ରାନ୍ସଫର୍ମର

# ବିଦ୍ୟୁତ୍ ବିଭାଗର ନିଘା ନାହିଁ

**ନାଉଗାଁ,୭ା୧(ସ୍ୱ.ପ୍ର.)**

ନାଉଗାଁ ବଜାରରେ ରହିଛି ୫୦୦ କେ.ଭି. ବିଶିଷ୍ଟ ବିଦ୍ୟୁତ୍ ଟ୍ରାନ୍ସଫର୍ମର। ଏହି ଟ୍ରାନ୍ସଫର୍ମରରୁ ନାଉଗାଁ ବଜାର ସମେତ ଆଖପାଖ ଗ୍ରାମକୁ ବିଦ୍ୟୁତ୍ ସଂଯୋଗ କରାଯାଇଛି। ଟ୍ରାନ୍ସଫର୍ମରଟି ବଜାରରେ ଥିବା ପୁରୁଣା ଯାତ୍ରୀ ବିଶ୍ରାମ ଘର ପାଖରେ ରହିଛି। ମାତ୍ର ଏହି ଉଚ୍ଚ ଶକ୍ତି ସମ୍ପନ୍ନ ଟ୍ରାନ୍ସଫର୍ମର ଏବେ ମୁକୁଳା ପଡ଼ିଛି। ଟ୍ରାନ୍ସଫର୍ମରଠାରୁ ଏନ୍‌ଜେଏନ୍ କାର୍ଯ୍ୟାଳୟ ୨ ଶହ ମିଟର ଓ ସେସୁ କାର୍ଯ୍ୟାଳୟ ମାତ୍ର କେଇହାତ ଦୂର। ହେଲେ ଏଥିପ୍ରତି ବିଭାଗର ନିଘାନାହିଁ। ନିୟମାନୁଯାୟୀ ଟ୍ରାନ୍ସଫର୍ମରଗୁଡିକ ଜନବସତିଠାରୁ ଦୂରରେ ବସାଇବା ସହିତ ଏହାର ଚତୁଃପାର୍ଶ୍ୱ ଆବଦ୍ଧ କରି ରଖିବା ଆବଶ୍ୟକ। ଯାହାଫଳରେ ବାହାରର କୌଣସି ଜୀବଜନ୍ତୁ ଏହା ମଧ୍ୟକୁ ପ୍ରବେଶ କରିପାରିବେ ନାହିଁ। କିନ୍ତୁ ଏହି ଟ୍ରାନ୍ସଫର୍ମର ବଜାର ପାଖ ରାସ୍ତା ପାର୍ଶ୍ୱରୁ ମାତ୍ର ୪ରୁ୫ଫୁଟ ଉଚ୍ଚରେ ରହିଥିବାବେଳେ ନାମକୁ ମାତ୍ର କଣ୍ଟାବାଡ ଘେରାଯାଇଛି। ଏହାମଧ୍ୟକୁ ଅନାୟସରେ ଗୃହପାଳିତ ପଶୁ,ବୁଲାକୁକୁର ଅବାଧରେ ପ୍ରବେଶ କରୁଛନ୍ତି। ଏପରି କି ଏହି ଟ୍ରାନ୍ସଫରମର ସଂସ୍ପର୍ଶରେ ଆସି ଅନେକ ପ୍ରାଣୀଙ୍କ ମୃତ୍ୟୁ ଘଟି ସାରିଲାଣି।

କିନ୍ତୁ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। କେବଳଯେ, ନାଉଗାଁ ବଜାରରେ ଥିବା ଏହି ଟ୍ରାନ୍ସଫରମର ନୁହେଁ ବ୍ଲକର ୧୬ ପଞ୍ଚାୟତର ଅଧିକାଂଶ ଟ୍ରାନ୍ସଫରମର ଖୋଲାମେଲା ପଡିଥିବା ଦେଖିବାକୁ ମିଳିଛି। ଫଳରେ ଏହି ଟ୍ରାନ୍ସଫର୍ମର ସଂସ୍ପର୍ଶରେ ଆସି କେତେବେଳେ ଯେ କାହାର ଜୀବନ ଯିବ ତାହା କହି ହେବ ନାହିଁ। ବିଦ୍ୟୁତ୍ ବିଭାଗର ଖାମଖିଆଲ ମନୋଭାବ ଯୋଗୁ ଟ୍ରାନ୍ସଫର୍ମର ଗୁଡିକର ରକ୍ଷାଣାବେକ୍ଷଣ ଠିକ୍‌ରେ ହେଉନାହିଁ। କେଉଁଠି ଟ୍ରାନ୍ସଫର୍ମରରେ ଗଛ ମାଡ଼ିଗଲାଣି ତ ଆଉ କେଉଁଠି କେଉଁଠି ଘେରା ଯାଇଥିବା କାଣ୍ଟା ତାରରେ କଳଙ୍କି ଲାଗି ଭାଙ୍ଗି ଗଲାଣି। ତେଣୁ କମ ଉଚ୍ଚରେ ଥିବା ଟ୍ରାନ୍ସଫର୍ମର ଚତୁଃପାର୍ଶ୍ୱରେ ତୁରନ୍ତ ପାଚେରି ନିର୍ମାଣକରିବା ସହିତ ରକ୍ଷାଣବେକ୍ଷଣ କରିବାକୁ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ଦାବି କରିଛନ୍ତି। ଏସମ୍ପର୍କରେ ବାଲିକୁଦା ସେସୁ ବିଭାଗ ଏସ୍‌ଡିଓ ଦେବଦତ୍ତ ଉପାଧ୍ୟାୟଙ୍କୁ ପଚାରିବାରେ ସେ କହିଥିଲେ, ପାଚେରି ନିର୍ମାଣ ହୋଇଥିଲା। ନୂଆ ବସ୍‌ଷ୍ଟାଣ୍ଡ ନିର୍ମାଣବେଳେ ତାହାକୁ ଆର୍ ଆଣ୍ଡ ବି ବିଭାଗ ଭାଙ୍ଗି ଦେଇଥିଲା। ପରେ ସେମାନେ କରିଦେବେ ବୋଲି କହିଥିଲେ। ହେଲେ କରିଲେ ନାହିଁ। ଏବେ ଆମେ ନାଉଗାଁ ବଜାର କମିଟି ସହ ଆଲୋଚନା କରି ଏଦିଗରେ ପଦକ୍ଷେପ ନେବୁ ବୋଲି ପ୍ରକାଶ କରିଥିଲେ।



# ସାମନ୍ତରାପୁରରେ ଧାନମଣ୍ଡି ଉଦ୍‌ଘାଟିତ

**ତିର୍ତ୍ତୋଲ, ୭ା୧ (ଡି.ଏନ୍.ଏ.)**

ତିର୍ତ୍ତୋଲ ବ୍ଲକ ଅଧୀନ ସାମନ୍ତରାପୁର ସେବା ସମବାୟ ସମିତି ଆନୁକୂଲ୍ୟରେ ମଙ୍ଗଳବାରଠାରୁ ମଣ୍ଡିରେ ଧାନ ସଂଗ୍ରହ ଆରମ୍ଭ ହୋଇଛି। ମଣ୍ଡିକୁ ସାମନ୍ତରାପୁର ପଞ୍ଚାୟତ ସରପଞ୍ଚ ମନୋଜ କୁମାର ବେହେରା ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏଥିରେ ସମବାୟ ସମିତି ସଭାପତି ରାଜେଶ ମହାନ୍ତି, ଏଆର୍‌ସି ରଞ୍ଜିତ କୁମାର ସାହୁ, ସମ୍ପାଦକ ନୃସିଂହ ଚରଣ ସେଠୀ, ପୂର୍ବତନ ସମିତିସଭ୍ୟ ସୂର୍ଯ୍ୟନାରାୟଣ ବେହେରା, ପୂର୍ବତନ ସମ୍ପାଦକ କରୁଣାକର ବେହେରା, ସମିତି ବୋର୍ଡ ନିର୍ଦ୍ଦେଶକ ନୃସିଂହ ପ୍ରଧାନ, ଗଗନ ମହାନ୍ତି, ରଞ୍ଜିତ କର, ଶିଶିର ବାରିକ ପ୍ରମୁଖ ଉପସ୍ଥିତ ରହିଥିଲେ। ପ୍ରଥମ ଚାଷୀ ଭାବେ ଗଣେଶ ପ୍ରସାଦ ସ୍ୱାଇଁ ୬୨ ବସ୍ତା ଧାନ ବିକ୍ରୟ କରିଥିଲେ।

# ଖୋଲିଲା ଧାନ ମଣ୍ଡି

**ବିରିଡ଼ି, (ଡି.ଏନ୍.ଏ.)/ବାଲିଆ, ୭ା୧**

ବିରିଡ଼ି ବ୍ଲକ ମଙ୍ଗୁଳି ପ୍ରାଥମିକ କୃଷି ସମବାୟ ସମିତିରେ ମଙ୍ଗଳବାରଠାରୁ ଧାନମଣ୍ଡି ଉଦ୍‌ଘାଟିତ ହୋଇଛି। ସମିତି ସଭାପତି ତ୍ରିଲୋଚନ ଜେନା ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ୨୪ ଚାଷୀଙ୍କଠାରୁ ୧ ହଜାର ୧୧ କୁଇଣ୍ଟାଲ ଧାନ କ୍ରୟ କରାଯାଇଥିଲା। ସାଧାରଣ ଧାନର ମୂଲ୍ୟ କୁଇଣ୍ଟାଲ ପ୍ରତି ୧୮୧୫ ଟଙ୍କା ରହିଥିବା ବେଳେ ଏ-ଗ୍ରେଡ ଧାନ କୁଇଣ୍ଟାଲ ପ୍ରତି ୧୮୩୫ ଟଙ୍କା ଧାର୍ଯ୍ୟ କରାଯାଇଛି। ସେହିପରି ଉତ୍ତରଶାସନ କୃଷି ସମବାୟ ସମିତିରେ ଚାଷୀଙ୍କଠାରୁ ଧାନ କ୍ରୟ କରିବା ପାଇଁ ମଣ୍ଡି ଖୋଲାଯାଇଛି। ସମିତି ସଭାପତି ପୀତାମ୍ବର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ କଟକ କେନ୍ଦ୍ର ସମବାୟ ସମିତି ବିରିଡି ଶାଖା ପରିଚାଳକ ପିନାକୀ ସିଂ, ବ୍ଲକ ଯୋଗାଣ ଅଧିକାରୀ ମୋଚିରାମ ଦାସ, ସମବାୟ ସମିତି ନିରୀକ୍ଷକ ନିବେଦିତା ସାସମଲ, ଡ. ସୁରେଶ ଚନ୍ଦ୍ର ଜେନା, ଅନା ସାହୁ ଅତିଥିଭାବେ ଯୋଗଦେଇଥିଲେ। ସମ୍ପାଦକ ଶଙ୍କର୍ଷଣ ସାହୁ, ସହ ସମ୍ପାଦକ ବିମ୍ବାଧର ମହାପାତ୍ର, ଡିଇଓ ମନୋରଞ୍ଜନ ମଲିକ, ରମାନାଥ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଉତ୍ତରଶାସନ ସମବାୟ ସମିତିରେ ଧାନମଣ୍ଡି ଉଦ୍‌ଘାଟନ କରାଯାଉଛି।

## ଜଗତ୍‌ସିଂହପୁରରେ ଅସ୍ଥାୟୀ ରାତ୍ରିକାଳୀନ ଆଶ୍ରୟସ୍ଥଳ

# ୫ ଦିନରେ ରହିଛନ୍ତି ମାତ୍ର ୨ ଜଣ

- ପ୍ରଚାର ନ ଥିବାରୁ ଆଶ୍ରୟସ୍ଥଳ ସମ୍ପର୍କରେ ଜଣାପଡୁନି
- ଦୋକାନ ବାରଣ୍ଡାରେ ଆଶ୍ରୟ ନେଉଛନ୍ତି ବାସହରା

**ଜଗତସିଂହପୁର ଅଫିସ, ୭ା୧**

ପ୍ରବଳ ଶୀତ ଯୋଗୁ ଗରିବ ବାସହରାଙ୍କ ଦୁର୍ଦ୍ଦଶା ବଢିଯାଇଛି। ବିଶେଷକରି ରାତ୍ରୀଯାପନ କରିବା ସେମାନଙ୍କ ପକ୍ଷେ କଷ୍ଟକର ହୋଇପଡିଛି। ତେଣୁ ପରିସ୍ଥିତିକୁ ଦେଖି ଜଗତ୍‌ସିଂହପୁର ପୌର ପରିଷଦ ପକ୍ଷରୁ ଏହି କାର୍ଯ୍ୟାଳୟ ପରିସରରେ ଥିବା ପାଠାଗାରକୁ ଅସ୍ଥାୟୀ ରାତ୍ରକାଳୀନ ଆଶ୍ରୟସ୍ଥଳ କରାଯାଇଛି। ପାଠାଗାର ଚଟାଣରେ ଶୋଇବା ପାଇଁ ସୁବ୍ୟବସ୍ଥା କରାଯାଇଥିବା ବେଳେ ଘୋଡି ହେବା ପାଇଁ କମଳ ଓ ପିଇବା ପାଇଁ ଆକ୍ୱାଗାର୍ଡ ପାଣି ବ୍ୟବସ୍ଥା କରାଯାଇଛି। ଏହା ପରିସରରେ ଏକାଧିକ ଶୌଚାଳୟ ଥିବାରୁ କେହି ରାତିରେ ଆଶ୍ରୟ ନେବାକୁ ଚାହିଁଲେ ଅସୁବିଧା ହେବନାହିଁ। କିନ୍ତୁ ଦୁଃଖର କଥା ହେଲା ପରିଷଦ କାର୍ଯ୍ୟାଳୟରେ ରାତ୍ର ଆଶ୍ରୟସ୍ଥଳ ହୋଇଥିବା ସମ୍ପର୍କରେ ପ୍ରଚାର ପ୍ରସାର କରାଯାଉ ନ ଥିବାରୁ ଲୋକମାନେ ଏହା ସମ୍ପର୍କରେ ଜାଣିପାରୁ ନାହାନ୍ତି। ପ୍ରବଳ ଶୀତ ଦାଉରୁ ବାସହରାଙ୍କୁ ସୁରକ୍ଷା ଦେବା ଲକ୍ଷ୍ୟରେ ଆଶ୍ରୟସ୍ଥଳ ୫ ଦିନ ହେବ କାର୍ଯ୍ୟକ୍ଷମ ହୋଇଥିଲେ ସୁଦ୍ଧା ମାତ୍ର ୨ ଜଣ ରାତ୍ରୀ ଯାପନ କରିଥିବା ଜଣାପଡ଼ିଛି।

ପରିଷଦ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ପ୍ରଥମ ଦିନ ୨ ଜଣ ଲୋକ ଆଶ୍ରୟ ନେଇଥିଲେ। ସେମାନେ ଜଗତ୍‌ସିଂହପୁର ବସ ଷ୍ଟପ୍ ନିକଟରେ ଗାଡ଼ି ନ ପାଇ ଚିନ୍ତାରେ ଥିଲେ। ଯେହେତୁ ପରିଷଦ କାର୍ଯ୍ୟାଳୟ ପରିସରରେ ସର୍ବସାଧାରଣଙ୍କ ପାଇଁ ଶୌଚାଳୟ ସୁବିଧା ଅଛି, ତେଣୁ ସେମାନେ ସେଠାରେ ପହଞ୍ଚିଥିଲେ। ଏହାପରେ ଏହା ପରିସରରେ ଅସ୍ଥାୟୀ ରାତ୍ର ଆଶ୍ରୟସ୍ଥଳ କରାଯାଇଥିବା ଜାଣିପାରି ସେମାନେ ରହିଯାଇଥିଲେ। ତା' ପରଠୁ ଜଣେ ହେଲେ ବି କେହି ରାତ୍ରୀଯାପନ କରି ନ ଥିବା ପରିଷଦ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ସହରର ବିଭିନ୍ନ ଦୋକାନ ବାରଣ୍ଡା ଓ ଅନ୍ୟ ସ୍ଥାନରେ ପ୍ରତ୍ୟହ କେତେକ ମାନସିକ ବିକାରଗ୍ରସ୍ତ ଲୋକ, ଭିକାରୀ ଓ ବାସହରା ବିପଜ୍ଜନକ ଭାବେ ରାତ୍ରୀଯାପନ କରୁଥିବା ଦେଖାଯାଉଛି। ତେଣୁ ସହରର ପ୍ରମୁଖ ସ୍ଥାନ ଯଥା ବସ୍ ଷ୍ଟପ୍, ପରିଷଦ କାର୍ଯ୍ୟାଳୟ ସମ୍ମୁଖ, କଲେଜ ଛକ ଆଦି ସ୍ଥାନରେ ବଡ ଧରଣର ହୋଡିଂ ଲଗାଯିବା ସହ ୨-୩ ଦିନ ସନ୍ଧ୍ୟାରେ ଡାକବାଜୀ ଯନ୍ତ୍ର ସାହାଯ୍ୟରେ ପ୍ରଚାର କରାଗଲେ ରାତ୍ର ଆଶ୍ରୟସ୍ଥଳ ସମ୍ପର୍କରେ ଲୋକମାନେ ଜାଣିପାରନ୍ତେ ବୋଲି ଅଞ୍ଚଳବାସୀ କହିଛନ୍ତି।

ସୂଚନାଥାଉ କି, ଶୀତ ଯୋଗୁ ଯେପରି ଦେଶର କୌଣସି ଜଣେ ବି ବାସହରାଙ୍କ ମୃତ୍ୟୁ ନ ହୁଏ ସେ ନେଇ ସୁପ୍ରିମକୋର୍ଟ ରାଜ୍ୟଗୁଡିକୁ ଦାୟିତ୍ୱବାନ ହେବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ସ୍ଥାୟୀ ରାତ୍ରକାଳୀନ ଆଶ୍ରୟସ୍ଥଳ ହେବାରେ ବିଳମ୍ବ ହେଲେ ତୁରନ୍ତ ଅସ୍ଥାୟୀ ଆଶ୍ରୟସ୍ଥଳ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଯଉଁମାନେ ଆଶ୍ରୟସ୍ଥଳରେ ରହିବେ ସେମାନଙ୍କ ଖାଇବା, ପିଇବା ବନ୍ଦୋବସ୍ତ ମଧ୍ୟ କରାଯିବ। ଏଥିସହ ଘୋଡି ହେବାକୁ କମଳ, ବିଶୁଦ୍ଧ ପାଣି, ଶୌଚାଳୟ, ବ୍ରସ୍ ଓ ପେଷ୍ଟ ଆଦି ସମସ୍ତ ସୁବିଧା କରାଯିବାକୁ କୁହାଯାଇଥିଲା।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ବୁଧବାର, ଜାନୁୟାରୀ ୮/୨୦୨୦ Bhubaneswar, Wednesday, January 8/2020

### ସଂକ୍ଷେପରେ

## ଅବକାରୀ ଚଢ଼ାଉ, ୩ ଗିରଫ

**ବାଲିକୁଦା,୭।୧(ସ୍ୱ.ପ୍ର.):** ବାଲିକୁଦା ଅବକାରୀ ବିଭାଗ ପକ୍ଷରୁ ମଙ୍ଗଳବାର ଭୋର ସମୟରେ ଏରସମା ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଛି। ଚଢ଼ାଉବେଳେ ୮ଲିଟରରୁ ଉର୍ଦ୍ଧ୍ୱ ଦେଶୀ ଓ ବିଦେଶୀ ମଦ ଜବତ କରାଯିବା ସହ ୩ଜଣ ଚୋରାମଦ ବ୍ୟବସାୟୀଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ଗଡ଼କକୁଜଙ୍ଗ ଗାଁର ସଞ୍ଜୟ ନାୟକ, କାହ୍ନୁଚରଣ ରାଉତ ଓ ନୂଆଗାଁସ୍ଥିତ ନୋଳିଆସାହିର ପ୍ରକାଶ ବେହେରା। ଏମାନେ ଚୋରାମଦ ବ୍ୟବସାୟ କରୁଥିବା ନେଇ ବିଭାଗ ନିକଟରେ ଅଭିଯୋଗ ହୋଇଥିଲା। ଅବକାରୀ ଏସପି ରତିକାନ୍ତ ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ଏହି ଚଢ଼ାଉ କରାଯାଇଥିଲା। ଏସ୍ଆଇ ନିଳିମା ଜୟନ୍ତୀ ସ୍ୱାଇଁ, ଏଏସ୍ଆଇ କୈଳାସ ଦାସ, କନଷ୍ଟେବଲ ଚିତ୍ତରଞ୍ଜନ ଦାଶ, ସବିତା ନାୟକ, ବିଶ୍ୱନାଥ ମୁଣ୍ଡା, ହିମାଂଶୁ ନାୟକ ପ୍ରମୁଖ ଚଢ଼ାଉରେ ସାମିଲ ହୋଇଥିଲେ। ଏନେଇ ୩ଟି ପୃଥକ ମାମଲା ରୁଜୁ ହୋଇଛି।

# ପୂଜକମାନଙ୍କ ଅନଶନ ପ୍ରତ୍ୟାହୃତ

**ରଘୁନାଥପୁର,୭। ୧ (ଡି.ଏନ.ଏ.)**

ରଘୁନାଥପୁର ବ୍ଲକ କେରେକେରାସ୍ଥିତ ପ୍ରଭୁ ଗୋରଖନାଥ ପୀଠ ପରିସରରେ ପୂଜକ ପରିବାରଙ୍କ ପକ୍ଷରୁ ସୋମବାରଠାରୁ ଚାଲିଥିବା ଅନଶନ ମଙ୍ଗଳବାର ଅପରାହ୍ନ ସାଢେ ୧ଟାରେ ପ୍ରତ୍ୟାହୃତ ହୋଇଯାଇଛି। ପୀଠରେ ମାନସିକ ଅନ୍ନପ୍ରସାଦ ପ୍ରସ୍ତୁତି ପାଇଁ ଅନୁମତି, ପାକଶାଳାରେ ପକାଯାଇଥିବା ତାଲାକୁ ତୁରନ୍ତ ଖୋଲିବା ଓ ଅନ୍ୟ ଦାବିରେ ପ୍ରଭୁଙ୍କ ନୀତିକାନ୍ତିରେ ନିୟୋଜିତ ଥିବା ୧୧ପୂଜକଙ୍କ ପରିବାର ଅନଶନରେ ବସିଥିଲେ। ଏମାନଙ୍କ ମଧ୍ୟରୁ ୫ ଜଣ ଉପବାସରେ ମଧ୍ୟ ରହିଥିଲେ। ସୋମବାର ଟ୍ରଷ୍ଟ ବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀ ସଂଗ୍ରାମ କିଶୋରୀ ଭଳ, ସ୍ଥାନୀୟ ସରପଞ୍ଚ ବିଜୟ କୁମାର ସ୍ୱାଇଁ, ସମିତିସଭ୍ୟାଙ୍କ ସ୍ୱାମୀ ଦିଲୀପ କୁମାର ସ୍ୱାଇଁ ଓ କେତେଜଣ ଟ୍ରଷ୍ଟ ବୋର୍ଡ ସଭ୍ୟ ଅନଶନସ୍ଥଳକୁ ଆସି ସେମାନଙ୍କୁ ବୁଝାଶୁଝା କରିଥିଲେ। ହେଲେ ଅନଶନକାରୀ ସେମାନଙ୍କ କଥା ନ ରଖି ଶୀତକାକରରେ ରାତିସାରା ବସି ରହିଥିଲେ। ମଙ୍ଗଳବାର ମ୍ୟାନେଜିଂ ଟ୍ରଷ୍ଟି ତଥା ଉପଜିଲାପାଳ ମହେନ୍ଦ୍ର ପ୍ରସାଦ ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ


ପୂଜକଙ୍କ ସହ ଆଇଆଇସି ଓ ଟ୍ରଷ୍ଟ ଇଓ ଆଲୋଚନା କରୁଛନ୍ତି।

ତିର୍ତ୍ତୋଲ ଆଇଆଇସି କେ. ପି. ମିଶ୍ର, କାର୍ଯ୍ୟନିର୍ବାହୀ ଅଧିକାରୀ ଭଳ ଓ ସ୍ଥାନୀୟ ସରପଞ୍ଚ ସ୍ୱାଇଁ ଅନଶନସ୍ଥଳକୁ ଆସି ପୂଜକ ଦିଲୀପ କୁମାର ପଣ୍ଡା, ଜ୍ଞାନରଞ୍ଜନ ପଣ୍ଡାଙ୍କ ସମେତ ୫ମୁଖିଆଙ୍କ ସହ ଆଲୋଚନା କରିଥିଲେ। ଆସନ୍ତା ୯ ତାରିଖରେ ମ୍ୟାନେଜିଂ ଟ୍ରଷ୍ଟିଙ୍କ ସହ ପୂଜକମାନଙ୍କର ବୈଠକ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ନିଆଯାଇଥିବା ଓ ଲିଖିତ ପ୍ରତିଶ୍ରୁତି ମିଳିବା ପରେ ଅନଶନ ପ୍ରତ୍ୟାହୃତ ହୋଇଥିଲା। ଆଲୋଚନା ସମୟରେ ଜିଲାପାଳ ଉପସ୍ଥିତ ରହିବା,

**ଗୋରଖନାଥ ପୀଠ**
- ଆସନ୍ତା ୯ ତାରିଖରେ ଆଲୋଚନା ପାଇଁ ନିଷ୍ପତ୍ତି
- ସମସ୍ତଙ୍କ ସହଯୋଗ ଲୋଡ଼ିଲେ ମ୍ୟାନେଜିଂ ଟ୍ରଷ୍ଟି

ବୈଠକ ଗୋରଖନାଥ ପୀଠ ପରିସରରେ ହେବାକୁ ସର୍ତ୍ତ ରଖି, ପୂଜକଙ୍କ ପକ୍ଷରୁ ଏକ ଦରଖାସ୍ତ ଜିଲାପାଳଙ୍କୁ ଦେବାକୁ ସ୍ଥିର ହୋଇଥିଲା। ଏ ସମ୍ପର୍କରେ ଉପଜିଲାପାଳ ତଥା ମ୍ୟାନେଜିଂ ଟ୍ରଷ୍ଟି ମହାନ୍ତିଙ୍କୁ ପଚାରିବାରେ, ଶୃଙ୍ଖଳିତ ବ୍ୟବସ୍ଥା ପାଇଁ ସମସ୍ତଙ୍କ ସହଯୋଗ ଦରକାର। ତେବେ ଅନଶନରତ ପୂଜକମାନଙ୍କୁ ଆଲୋଚନା ପାଇଁ ବାରମ୍ବାର ଡକାଯାଇ ନିରାଶ ହେବାରୁ ବାଧହୋଇ ପ୍ରଶାସନିକ ବିଧି ବ୍ୟବସ୍ଥା ଓ ଆଇନ ଅନୁଯାୟୀ ପଦକ୍ଷେପ ଗ୍ରହଣ କରାଗଲା। ଅନ୍ୟପକ୍ଷରେ ଶ୍ରଦ୍ଧାଳୁଙ୍କ ଭାବାବେଗ, ଅଞ୍ଚଳବାସୀଙ୍କ ଉଦ୍ୟମ ଓ ପୂଜକମାନଙ୍କ ସହଯୋଗରେ ଉପୁଜିଥିବା ସମସ୍ୟାର ଅନ୍ତ ଘଟିବ ବୋଲି ସେ କହିଥିଲେ।

# ଯୌତୁକଜନିତ ବଧୂହତ୍ୟା ଅଭିଯୋଗ, ସ୍ୱାମୀ ଅଟକ

**କୁଜଙ୍ଗ,୭।୧(ଡି.ଏନ.ଏ.)**

- ବିବାହର ଦୁଇ ବର୍ଷ ପରେ ଅଧିକ ଯୌତୁକ ଆଣିବାକୁ ଦାବି କରିଥିଲେ ଶାଶୁଘର ଲୋକେ

କୁଜଙ୍ଗ ଥାନା ଅଧୀନ ଅରଖିଆ ଗ୍ରାମରେ ଯୌତୁକ ଜନିତ ବଧୂହତ୍ୟା ହୋଇଥିବା ଅଭିଯୋଗ ହୋଇଛି। ଅଧିକ ଯୌତୁକ ନ ଆଣିବାରୁ ଗ୍ରାମର ସୁଦାମ ସେଠୀଙ୍କ ସ୍ତ୍ରୀ ପ୍ରଭାବତିଙ୍କୁ ସ୍ୱାମୀ ଓ ଶାଶୁଘର ଲୋକେ ମାରି ଦେଇଥିବା ପ୍ରଭାବିତଙ୍କ ବାପା ଅଭିଯୋଗ କରିଛନ୍ତି। ଏହି ଘଟଣାରେ ପୋଲିସ ଏକ ମାମଲା ନଂ-୪/୨୦ ରୁଜୁ କରିବା ସହ ପ୍ରଭାବତିଙ୍କ ସ୍ୱାମୀଙ୍କୁ ଅଟକ ରଖି ତଦନ୍ତ ଚଳାଇଥିବା ଥାନା ଅଧିକାରୀ ଦିଲୀପ ସାହୁ କହିଛନ୍ତି। କୁଜଙ୍ଗ ବ୍ଲକ ଭୂତମୁଣ୍ଡାଇ ଗ୍ରାମର ପ୍ରମୋଦ ସେଠୀଙ୍କ ଝିଅ ପ୍ରଭାବତି ୯ବର୍ଷ ତଳେ ସୁଦାମଙ୍କୁ ବିବାହ କରିଥିଲେ। ବିବାହ ସମୟରେ ପ୍ରଭାବତିଙ୍କ ବାପା ଯୌତୁକ ବାବଦରେ ୧ଲକ୍ଷ ଟଙ୍କା ସହ ଅନ୍ୟ ସାମଗ୍ରୀ ଦେଇଥିଲେ। ବିବାହର ୨ବର୍ଷ ପରେ ଆଉ ୫୦ହଜାର ଟଙ୍କା ବାପଘରୁ ଆଣିବା ପାଇଁ ବାରମ୍ବାର ପ୍ରଭାବତିଙ୍କୁ ତାଙ୍କ ଶାଶୁ ଘର ଲୋକ କହି ଆସୁଥିଲେ। ଫଳରେ ପ୍ରଭାବତି ବାପାଙ୍କୁ ଏକଥା ଜଣାଇଥିଲେ। ତାଙ୍କ ବାପା ଗ୍ରାମର ଭଦ୍ର ଲୋକଙ୍କୁ ନେଇ କୁଜଙ୍ଗ ଥାନାରେ ଏହାର ସମାଧାନ କରାଇଥିଲେ। କିନ୍ତୁ ଗତ ୫ ତାରିଖ ଦିନ ପ୍ରଭାବତିଙ୍କୁ ଶାଶୁ, ସ୍ୱାମୀ,ଶ୍ୱଶୁର ମିଶି ମାଡ଼ ମାରିବା ସହ ଖାଇବାକୁ ଦେଇ ନ ଥିଲେ। ମଙ୍ଗଳବାର ଫୋନ ଦ୍ୱାରା ପ୍ରଭାବତି ଅସୁସ୍ଥ ଥିବା ଶଶୁଘର ଲୋକେ ତାଙ୍କ ବାପାଙ୍କୁ ଜଣାଇଥିଲେ। ବାପା ପ୍ରମୋଦ ଯାଇ ଦେଖିବାବେଳକୁ ଝିଅର ମୃତ୍ୟୁ ହୋଇ ସାରିଥିଲା। ତେଣୁ ତାଙ୍କ ଝିଅକୁ ଶାଶୁ ଘର ଲୋକେ ହତ୍ୟା କରିଥିବା ସେ ଥାନାରେ ଅଭିଯୋଗ କରିଥିଲେ।

## କଠିନ ବର୍ଜ୍ୟବସ୍ତୁ ପରିଚାଳନା କମିଟିର ପାରାଦୀପ ଗସ୍ତ

# ପ୍ରଦୂଷଣ ରୋକିବା ପଦକ୍ଷେପକୁ ପ୍ରଶଂସା


କଠିନ ବର୍ଜ୍ୟବସ୍ତୁ ପରିଚାଳନା କମିଟି ସଦସ୍ୟ ପାରାଦୀପ ପୌରପାଳିକାର କଠିନ ବର୍ଜ୍ୟବସ୍ତୁ ପ୍ରକଳ୍ପକୁ ବୁଲି ଦେଖୁଛନ୍ତି।

**ପାରାଦୀପ,୭।୧(ସ୍ୱ.ପ୍ର.)**

ମାରାତ୍ମକ ପ୍ରଦୂଷଣ ଶିଳ୍ପ ସହର ପାରାଦୀପକୁ ମଙ୍ଗଳବାର କଠିନ ବର୍ଜ୍ୟବସ୍ତୁ ପରିଚାଳନା କମିଟିର କର୍ମକର୍ତ୍ତା ଗସ୍ତ କରିଥିଲେ। ଏହି ସମୟରେ ସେମାନେ ସହରରେ ପ୍ରଦୂଷଣର ସ୍ଥିତି ଓ କଠିନ ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପକୁ ବୁଲି ଦେଖିଥିଲେ। ଏହାପରେ ଏସମ୍ପର୍କରେ ସମୀକ୍ଷା କରିଥିଲେ। ପ୍ରଦୂଷଣ ରୋକିବା ଦିଗରେ ନିଆଯାଇଥିବା ପଦକ୍ଷେପକୁ ଦେଖି ପ୍ରଶଂସା କରିଥିଲେ। କମିଟିରେ ରାଜ୍ୟ କଠିନ ବର୍ଜ୍ୟବସ୍ତୁ ପ୍ରକଳ୍ପ ଅଧ୍ୟକ୍ଷ ଜଷ୍ଟିସ ପି.କେ. ମହାନ୍ତି, ଜଙ୍ଗଲ ପରିବେଶ ବିଭାଗ ସଚିବ ଡ. ମୋନା ଶର୍ମା, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସଦସ୍ୟ ସଚିବ ଡ.ଦେବୀଦତ୍ତ ବେହେରା, ପରିବେଶ ବିଜ୍ଞାନୀ ଇଂ. ପି.କେ. ପୃଷ୍ଟି, ନଗର ଉନ୍ନୟନ କର୍ତ୍ତୃପକ୍ଷ(ସୁଡା)ର ସହକାରୀ ନିର୍ଦ୍ଦେଶକ ଶାରଦା ପ୍ରସାଦ ପଣ୍ଡା, ସ୍ୱାସ୍ଥ୍ୟ ବିଭାଗର ସହକାରୀ ନିର୍ଦ୍ଦେଶକ ଡା. କେ.କେ. ଦାସ, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ସରୋଜ କୁମାର ମହାନ୍ତି ପ୍ରମୁଖ ସାମିଲ ଥିଲେ। ସେମାନଙ୍କୁ ସ୍ଥାନୀୟ ଅତିରିକ୍ତ ଜିଲାପାଳ କାହ୍ନୁଚରଣ ଧୀର, ପ୍ରଦୂଷଣ ବୋର୍ଡ ଆଞ୍ଚଳିକ ଅଧିକାରୀ ଇ. ରମେଶ ଚନ୍ଦ୍ର ଏକ୍କା, ପୌର ନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି ପ୍ରମୁଖ ପାରାଦୀପ ସମସ୍ୟା ସମ୍ପର୍କରେ ସର୍କିଟ ହାଉସ୍‌ଠାରେ ଅନୁଷ୍ଠିତ ଏକ ବୈଠକରେ ଅବଗତ କରାଇଥିଲେ। ପରେ ସେମାନେ ପାରାଦୀପ ବନ୍ଦର ଦ୍ୱାରା ନିର୍ମିତ ସ୍ୱରେଜ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ (ଏସଟିପି)କୁ ଯାଇ ଦେଖିଥିଲେ। ସେଠାରେ ବନ୍ଦର ଅଧ୍ୟକ୍ଷ ରିଙ୍କେଶ ରାୟ ଏସଟିପି ସମ୍ପର୍କରେ କମିଟି ସଦସ୍ୟଙ୍କୁ ବୁଝାଇଥିଲେ। ଏଥିସହ ରାଜ୍ୟର ପ୍ରଥମ ଅବଲଣୀ କାରଖାନା ନିର୍ମାଣ ସମ୍ପର୍କରେ ମଧ୍ୟ ରାୟ ବୁଝାଇଥିଲେ। ଏହାପରେ ସେମାନେ ବନ୍ଦର ଚିକିତ୍ସାଳୟରେ କରାଯାଇଥିବା ଇଟିପି(ଇଫ୍ଲୁଏଣ୍ଟ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ବୁଲି ଦେଖିଥିଲେ। ଏହାର କାର୍ଯ୍ୟକାରିତା ସମ୍ପର୍କରେ ସିଏମଓ ଡା. ପ୍ରହ୍ଲାଦ ପଣ୍ଡା ସୂଚନା ଦେଇଥିଲେ। ପରେ ସେମାନେ ପାରାଦୀପ ପୌରପାଳିକାର କଠିନ ବର୍ଜ୍ୟବସ୍ତୁ ପ୍ରକଳ୍ପକୁ ବୁଲି ଦେଖିଥିଲେ। ଯେଉଁଠି କୁଢ଼କୁଢ଼ ଆବର୍ଜନା ଥିଲା ସେଠାରେ ଏବେ ଛତୁଚାଷ ହେଉଛି ଏବଂ ସୌନ୍ଦର୍ଯ୍ୟକରଣ କରାଯାଇଛି। ଆବର୍ଜନାରୁ ଖତ କରି ମହିଳାମାନେ ରୋଜଗାର କରୁଛନ୍ତି। ସେ ସବୁକୁ କମିଟି ସଦସ୍ୟ ଅଧିକ ସମୟ ନିରୀକ୍ଷଣ କରିଥିଲେ। ଶେଷରେ ବିଜୁ ମେମୋରିଆଲ ହସ୍ପିଟାଲରେ ଲିକ୍ୱିଡି ପଏଣ୍ଟ ଓ ଆବର୍ଜନାସ୍ଥଳ ବୁଲି ଦେଖିଥିଲେ। ଗସ୍ତ ସମ୍ପର୍କରେ ଅଧ୍ୟକ୍ଷ ଦାସ କହିଥିଲେ ଏହା ନିୟମିତ ଯାଞ୍ଚ ପ୍ରକ୍ରିୟା। ପଞ୍ଚାୟତରୁ ସହର ପ୍ରଦୂଷଣକୁ ଏହି କମିଟି ଯାଞ୍ଚ କରୁଛି। ପାରାଦୀପର ସ୍ଥିତି ସୁଧାରିବା ବ୍ୟବସ୍ଥା ଭଲ ଅଛି। ଆଗକୁ ଏହି କମିଟି ନିୟମିତ ଗସ୍ତ କରି ଯାଞ୍ଚ କରିବ।

## ଗହୀରମଥାରୁ ଟ୍ରଲର ଜବତ, ୯ ମତ୍ସ୍ୟଜୀବୀ ଗିରଫ

**ରାଜନଗର, ୭।୧(ଡି.ଏନ.ଏ.)**

ବିରଳ ଅଲିଭ ରିଡଲେ କଇଁଛଙ୍କ ଏକ୍ସୁଡିଶାଳ ଭିତରକନିକା ସଂଲଗ୍ନ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ବେଆଇନ ଭାବେ ମାଛ ମାରୁଥିବା ବେଳେ ବନବିଭାଗ ପାଟ୍ରୋଲିଂ ଟିମ୍ ମଙ୍ଗଳବାର ଗୋଟିଏ ଟ୍ରଲର ଜବତ କରିବା ସହ ୯ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରିଛି। ଏକକୁଳା ଫରେଷ୍ଟର ବିଭୂତି ଭୂଷଣ ତରାଇଙ୍କ ନେତୃତ୍ୱରେ ପାଟ୍ରୋଲିଂ ଟିମ ନିଷିଦ୍ଧାଞ୍ଚଳରୁ ପୃଥ୍ୱୀ-୨ ନାମକ ଟ୍ରଲରକୁ ଜବତ କରିଥିଲେ। ଏହି ଟ୍ରଲରରେ ଥିବା ମତ୍ସ୍ୟଜୀବୀ ସେକ୍ ଇରାନ, ସେକ ଇମ୍ରାନ, ଶିବ ପ୍ରସାଦ ବେହେରା, ମଙ୍ଗୁଳିଆ ଦାସ, ଜଗନ୍ନାଥ ସେଠୀ, ନବ ସେଠୀ, ବରେନ୍ଦ୍ର ବାରିକ, ପରମେଶ୍ୱର ମାଝି, ରାଜକିଶୋର ମାଝିଙ୍କୁ ଗିରଫ କରାଯାଇଛି।

## ମନ୍ଦିରରୁ ଚୋରି

**ମାହାଙ୍ଗା,୭।୧(ସ୍ୱ.ପ୍ର.)**

ମାହାଙ୍ଗା ଥାନା କୁମୁଡାଜୟପୁର ଫାଣ୍ଡି ଅଧୀନ ମଧୁପୁର ପଞ୍ଚାୟତସ୍ଥ ଘିସୁଆଁ ବଟମହାପୁରୁଷ ମନ୍ଦିରରୁ ସୋମବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଦୁର୍ବୃତ୍ତ ମନ୍ଦିର ପରିସରରୁ ବିଭିନ୍ନ ସାମଗ୍ରୀ ଚୋରି କରିଛନ୍ତି। ଏନେଇ ସ୍ଥାନୀୟ ଲୋକେ ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି।




## ଜମିହରା କୃଷକ ଏକତା ମଞ୍ଚ ପକ୍ଷରୁ ଧାରଣା

# ନିଯୁକ୍ତି ନ ମିଳିଲେ ତୀବ୍ର ହେବ ଆନ୍ଦୋଳନ


ତୈଳ ବିଶୋଧନାଗାର ପ୍ରଶାସନିକ ଭବନ ଆଗରେ ଜମିହରା କୃଷକ ଏକତା ମଞ୍ଚ ପକ୍ଷରୁ ଧାରଣା ଦିଆଯାଇଛି।

**ପାରାଦୀପ,୭।୧(ସ୍ୱ.ପ୍ର.)**

ପାରାଦୀପ ତୈଳ ବିଶୋଧନାଗାର ପ୍ରଶାସନିକ ଭବନ ସମ୍ମୁଖରେ ମଙ୍ଗଳବାର ଜମିହରା କୃଷକ ଏକତା ମଞ୍ଚ ପକ୍ଷରୁ ଧାରଣା ଦିଆଯାଇଛି। ଏଥିସହିତ ଏକ ଦାବିପତ୍ର ବିଶୋଧନାଗାର କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରାଯାଇଛି। ଦାବିପତ୍ରରେ ଉକ୍ତ ପ୍ରକଳ୍ପ ପାଇଁ ଜମି ହରାଇଥିବା ୧୭୫୨ ପରିବାର ନିଯୁକ୍ତି ପାଇଁ ୨୦୦୯ରୁ ସଂଗ୍ରାମ ଚଳାଇଛନ୍ତି। ତାଙ୍କୁ ପ୍ରଶାସନିକସ୍ତରରେ ଏକାଧିକ ଥର ଆଲୋଚନା କରାଯାଇ ପ୍ରତିଥର ନିଯୁକ୍ତି ମିଳିବା ନେଇ ଆଶ୍ୱସନା ମିଳିଛି। କିନ୍ତୁ ତାହା କାର୍ଯ୍ୟକାରୀ ହେଉନାହିଁ। ବିଶୋଧନାଗାର ପ୍ରକଳ୍ପରେ ଅନେକ ନୂଆ କମ୍ପାନୀ କାମ କରୁଥିଲେ ହେଁ ଜମିହରାଙ୍କୁ ନିଯୁକ୍ତି ଦିଆଯାଉନାହିଁ। ଦାବିପତ୍ର ଦେବାର ୭ ଦିନ ମଧ୍ୟରେ ନିଶ୍ଚିତ ନିଯୁକ୍ତି ପାଇଁ ବ୍ୟବସ୍ଥା ନ କଲେ ଆନ୍ଦୋଳନ ତୀବ୍ର ହେବ ବୋଲି ଚେତାବନୀ ଦିଆଯାଇଛି। ଧାରଣାସ୍ଥଳରେ ମଞ୍ଚର ପ୍ରମୁଖ ଭାବେ ପ୍ରଶାନ୍ତ ବିଶ୍ୱାଳ, ସୁବାସ ମହାପାତ୍ର, ଚିନ୍ମୟୀ ସାହାଣୀ, ସର୍ବେଶ୍ୱର ସ୍ୱାଇଁ, ହୃଷୀକେଶ ନାଥ, ପ୍ରତିମା ତରେଇ ପ୍ରମୁଖ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ, ଏହି ସଙ୍ଗଠନର ଗତ ଆନ୍ଦୋଳନ ୨୦୧୯ ଫେବୃୟାରୀ ୧ରୁ୫ ପର୍ଯ୍ୟନ୍ତ ହୋଇଥିଲା।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୮ ଜାନୁୟାରୀ,୨୦୨୦



ପରେ କାମଟିକୁ କରିଦେବି ବୋଲି କେବେ ହେଲେ ବିଚାରିବ ନାହିଁ। କାରଣ ବିଳମ୍ବ ଭିତରେ ବିପଦ ହିଁ ଲୁଚି ରହିଥାଏ।
- ସେକ୍ସପିୟର



■ ଅଧାରେ ଅଟକିଛି ଜଳାଶୟ କିସମ ଜମିର ସୁରକ୍ଷା ନିଷ୍ପତ୍ତି

# ୨ବର୍ଷ ପରେ ବି ସୁରକ୍ଷା, ସଂରକ୍ଷଣ ପାଇଁ ନାହିଁ ପଦକ୍ଷେପ

**ଯାଜପୁର ଅଫିସ,୭।୧**

ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଥିବା ଜଳାଶୟ କିସମ ଜମିକୁ ସୁରକ୍ଷା, ସଂରକ୍ଷଣ ଓ ପରିରକ୍ଷଣ କରିବାକୁ ରାଜ୍ୟ ସରକାର ନେଇଥିବା ନିଷ୍ପତ୍ତି ଫସର ଫାଟିଛି। ଏପରିକି ଏନେଇ ଆରଡିସିଙ୍କ ଅଧ୍ୟକ୍ଷତାରେ ଗଠିତ ୬ଜଣିଆ କମିଟି ମଧ୍ୟ ନିଷ୍କ୍ରିୟ ହୋଇପଡ଼ିଛି। ଫଳରେ ଯାଜପୁର ଜିଲାର ପ୍ରାୟ ୩ହଜାରରୁ ଊର୍ଦ୍ଧ୍ୱ ପୋଖରୀ ତାର ସତ୍ତା ହରାଇବାକୁ ବସିଛି।

ମିଳିଥିବା ସୂଚନା ଅନୁସାରେ ଦିନକୁ ଦିନ ଭୂତଳ ଜଳସ୍ତର କମିବାରେ ଲାଗିଛି। ଏପରି କି ବିଭିନ୍ନ ଶିଳ୍ପ କଳକାରଖାନା ବୃଦ୍ଧି ସାଙ୍ଗକୁ ମୋରମ ଓ ପଥର ଖାଦାନରେ ବେଆଇନ ବିସ୍ଫୋରଣ ଭୂତଳ ଜଳକୁ ବି ପ୍ରଦୂଷିତ କରିଛି। ଯାଜପୁର ଜିଲାର ଦାନଗଦୀ, ସୁକିନ୍ଦା ଓ ଧର୍ମଶାଳା ବ୍ଲକ ଅଞ୍ଚଳରେ ଅସ୍ୱଚ୍ଛ ପାଣି ପିଇ ଲୋକେ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରୁଛନ୍ତି। ଏପରି ପରିସ୍ଥିତିରେ ଜଳାଶୟ କିସମ ଜମି ହ୍ରାସ ପର୍ଯ୍ୟାବରଣ ପାଇଁ ବିପଦ ସୃଷ୍ଟି କରିଛି। ପୋଖରୀ ପୁନଃରୁଦ୍ଧାର ଅବା ଖୋଳାଯିବା ପରିବର୍ତ୍ତେ ପୁରାତନ ପୋଖରୀକୁ ପୋତା ଚାଲିଛି।



■ ଶିଳ୍ପ ନାମରେ ପୋତା ଚାଲିଛି ଜଳାଶୟ
■ ହଜିଗଲା ଆରଡିସିଙ୍କ ଅଧ୍ୟକ୍ଷତାରେ କମିଟି
■ ୩୦୦୦ରୁ ଏବେ ଅଛି ୨୩୮୯

କଳିଙ୍ଗନଗର ଶିଳ୍ପାଞ୍ଚଳ ଅନ୍ତର୍ଗତ ଦାନଗଦୀ ତହସିଲ ଯଖପୁରା ମୌଜାର ଖାତା ନମ୍ବର ୪୧୯ ଅନାବାଦୀ ପ୍ଲଟ ନମ୍ବର ୮୬୫ ଓ ୮୬୭, କିସମ ଶାଳଜଙ୍ଗଲ ୧୧.୯୭ ଏକର ପରିମିତ ଜମିରେ ଥିବା ୨ଟି ଜଳାଶୟକୁ ବିନା ପରିବେଶ ମଞ୍ଜୁରୀରେ ପୋତି ସାଇଜର ଲଜିଷ୍ଟିକ ପାର୍କ ନିର୍ମାଣ କରିବା ଏହାର ଜ୍ୱଳନ୍ତ ଉଦାହରଣ। ଏନେଇ କଳିଙ୍ଗନଗର ପରିବେଶ ସୁରକ୍ଷା ସମିତି ପକ୍ଷରୁ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ(ଏନ୍‌ଜିଟି)ରେ ମାମଲା ରୁଜୁ ହୋଇଛି। ଏନ୍‌ଜିଟିର ନିର୍ଦ୍ଦେଶ ଅନୁସାରେ ଏକ ଯୁଗ୍ମ ତଦନ୍ତକାରୀ ଦଳ ନୀରିକ୍ଷଣ କରି ନଭେମ୍ବର ଦ୍ୱିତୀୟ ସପ୍ତାହରେ ରିପୋର୍ଟ ଦାଖଲ କରିଛନ୍ତି। ତେବେ ଇତିମଧ୍ୟରେ ଏନ୍‌ଜିଟି ଭାରତ ସରକାରଙ୍କ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟକୁ ପରିବେଶ ଅନୁମତି ସଂକ୍ରାନ୍ତୀୟ ରିପୋର୍ଟ ମାଗିଥିବା ସୂଚନା ମିଳିଛି। ଏହାବାଦ ଜିଲାର ଅନେକ ଜଳାଶୟକୁ ପୋତି ଘର, ଶିଳ୍ପ କାରଖାନା ଆଦି ପ୍ରତିଷ୍ଠା କରାଯାଇଥିବା ପୂର୍ବରୁ ନଜିର ରହିଛି । ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ବାସ୍ତବ ତଥ୍ୟ ଜଣାପଡ଼ନ୍ତା ବୋଲି ମତପ୍ରକାଶ ପାଇଆସୁଛି। ତେବେ ଜଳାଶୟ କିସମ ଜମିକୁ ସୁରକ୍ଷା ଦେବାକୁ ୨ବର୍ଷ ତଳେ ସରକାର ଉଦ୍ୟମ ଆରମ୍ଭ କରିଛନ୍ତି। ଗୃହ ଓ ନଗର ଉନ୍ନୟନ ବିଭାଗର ଯୁଗ୍ମ ସଚିବ ଦୁର୍ଗାପ୍ରସାଦ ମହାପାତ୍ର ତାଙ୍କ ପତ୍ରସଂଖ୍ୟା ୧୬୯/୩।୧।୨୦୧୮ରେ ରାଜ୍ୟର ସମସ୍ତ ମହାନଗର ନିଗମର କମିଶନର ଏବଂ ପୌରାଞ୍ଚଳ ଓ ଏନ୍‌ଏସିର ନିର୍ବାହୀ ଅଧିକାରୀଙ୍କୁ ଏନେଇ ନୋଟିସ ଜାରି କରିଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଜଳାଶୟ କିସମ ଜମିକୁ ସୁରକ୍ଷା କରିବାକୁ ଆର୍‌ଡିସିଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠିତ ହୋଇଥିଲା। ଏଥିରେ ଜିଲାପାଳ ଆବାହକ, ଏସ୍‌ପିସିବିର ଆଞ୍ଚଳିକ ଅଧିକାରୀ, ନିର୍ବାହୀ ଅଧିକାରୀ, ଉନ୍ନୟନ ପରିଷଦର ଯୋଜନା ଅଧିକାରୀ ପ୍ରମୁଖ ସଭ୍ୟ ରହିଥିଲେ। ଇତିମଧ୍ୟରେ ଏହି ନିଷ୍ପତ୍ତିକୁ ୨ବର୍ଷ ଅତିକ୍ରାନ୍ତ ହୋଇ ସାରିଛି। ହେଲେ ପୋଖରୀଗୁଡ଼ିକର ସୁରକ୍ଷା ଓ ସଂରକ୍ଷଣ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଉଦ୍‌ବେଗ ପ୍ରକାଶ ପାଇଛି। ରାଜାରାଜୁଡ଼ାଙ୍କ ସମୟରେ ପୋଖରୀ ଖୋଳିଲେ ମହାପୂଣ୍ୟ କାର୍ଯ୍ୟ ବୋଲି ବିଶ୍ୱାସ ରହିଥିଲା। ତେଣୁ ପ୍ରତ୍ୟେକ ଗ୍ରାମରେ ୫/୬ଟି ଲେଖାଏ ପୋଖରୀ ଖୋଳା ଯାଉଥିଲା। ଏପରିକି ମନ୍ଦିର ପାର୍ଶ୍ୱରେ ପୋଖରୀଟିଏ ନିଶ୍ଚିତ ଭାବେ ଖନନ ହେଉଥିଲା। ଏହିକ୍ରମରେ ଐତିହାସିକ ତଥା ପୌରାଣିକ ଯାଜପୁର ଜିଲାରେ ପ୍ରାୟ ୩ହଜାରରୁ ଊର୍ଦ୍ଧ୍ୱ ପୋଖରୀ ଥିଲା ବୋଲି ଜନଶ୍ରୁତି ରହିଛି। କିନ୍ତୁ ଏବେ ୨୩୮୯ଟି ପୋଖରୀ ରହିଥିବା ସରକାରୀ ଭାବେ କୁହାଯାଇଛି। ବର୍ଷାଜଳର ସଂରକ୍ଷଣ ସହ ସହର ବସତିକୁ ଅତିବୃଷ୍ଟିର କ୍ଷୟକ୍ଷତିରୁ ସୁରକ୍ଷିତ ରଖିବା ଉଦ୍ଦେଶ୍ୟରେ ଶହ ଶହ ବର୍ଷର ଯୋଜନାବଦ୍ଧ ଭାବରେ କରାଯାଇଥିବା ବନ୍ଧ, ପୋଖରୀଗୁଡ଼ିକ ଏବେ ହଜି ଯାଉଛି। ଏସଂକ୍ରାନ୍ତରେ ଏସ୍‌ପିସିବିର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କୁ ପଚାରିବାରେ ସେ କହିଛନ୍ତି, ଜଳାଶୟ କିସମ ଜମିର ସୁରକ୍ଷା ଦିଗରେ ବିଭାଗ ତତ୍ପର ରହିଛି। ଏଥିରେ କୌଣସି ଅବହେଳା କରାଯାଉନାହିଁ। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ସିପିସିବି) ପକ୍ଷରୁ ହୋଇଥିବା ନିର୍ଦ୍ଦେଶ ଅନୁଯାୟୀ ନଦୀ, ଜଳାଶୟ କିସମ ପ୍ରଭୃତିର ସୁରକ୍ଷା ବ୍ୟବସ୍ଥା କରାଯାଉଛି ବୋଲି ବେହେରା କହିଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତୋରାଣି ସାଙ୍ଗକୁ ନ ଥାଏ ଲୁଣ**
**ମିଛେ ବୋଲୁଥାଏ ତିନି ତିଅଣ ।**

ଅନେକ କ୍ଷେତ୍ରରେ କିଛି ନ ଥିବା ବ୍ୟକ୍ତି ସମାଜରେ ନିଜ ଫମ୍ପା ଆଭିଜାତ୍ୟ ଦେଖାଇ ହେବାରେ କାଣିଚାଏ ହେଳା କରୁ ନ ଥିବା ଲକ୍ଷ୍ୟ କରାଯାଏ। ତେବେ ଅଭାବୀ ବ୍ୟକ୍ତି ପକ୍ଷେ ନିଜକୁ ଏପରି ଦେଖେଇ ହେବାରେ କୌଣସି ଯଥାର୍ଥତା ରହି ନ ଥାଏ। ବାହାରକୁ ନିଜ ବୃଥା ବଡ଼ିମା ଦେଖାଉଥିବା ବ୍ୟକ୍ତିର ଅସଲ ସ୍ୱରୂପ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ତୋ କାନ ମଲ୍ଲୀ କଢ଼ି**
**ତୋ କାନରେ ଥାଉ**
**ଠେଲା ପେଲା କରି ମାରିବା**
**ବରଷ ମୁଣ୍ଡ ପାଉ ।**

ସ୍ୱାମୀର ସ୍ତ୍ରୀ ପ୍ରତି ସ୍ନେହ ଓ ଶ୍ରଦ୍ଧା ଉକ୍ତି। ଘରର ଅଭାବ ଦୂର କରିବା ପାଇଁ ସ୍ତ୍ରୀର କାନ ଫୁଲ ବିକିବାକୁ ଅନିଚ୍ଛା ପ୍ରକାଶ କରୁଥିବା ସ୍ୱାମୀ ସ୍ତ୍ରୀକୁ ବୋଧ ବା ସାନ୍ତ୍ୱନା ଦେବାକୁ ଯାଇ ଯାହିତାହି ଘର ଚଳାଇ ବରଷ ପାଇଗଲେ ସମୟକ୍ରମେ ଅସୁବିଧା ଦୂର ହୋଇଯିବ କହି ସମୟ ଗଡ଼ାଇବାକୁ ପରାମର୍ଶ। ଏପରି ଅବସ୍ଥା ଅଳ୍ପ ବହୁତେ ବହୁ ଅଭାବୀ ପରିବାରରେ ଘଟୁଥିବା ସ୍ଥଳେ କଷ୍ଟରେ ଅର୍ଜିଥିବା ମୂଲ୍ୟବାନ ପଦାର୍ଥ ସହଜରେ ଛାଡ଼ିବାକୁ ଇଚ୍ଛା ନ ହେବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ନାସା ବୈଜ୍ଞାନିକଙ୍କୁ ଶେଷଦେବ ବାସନ୍ତୀ ସ୍କୁଲରେ ସମ୍ବର୍ଦ୍ଧନା

**ଯାଜପୁର ଟାଉନ,୭।୧(ଡିଏନ୍‌ଏ)**

ଯାଜପୁର ବ୍ଲକ ଭୁବନେଶ୍ୱରପୁର ପଞ୍ଚାୟତ ଅଧୀନ ଶେଷଦେବ ବାସନ୍ତୀ ସରକାରୀ ବିଦ୍ୟାଳୟ ପରିସରରେ ନାସାରେ କାର୍ଯ୍ୟରତ ବୈଜ୍ଞାନିକ ତଥା ବିଦ୍ୟାଳୟର ପୁରାତନ ଛାତ୍ର ସୁରେନ୍ଦ୍ର ନାଥ ରାୟଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ରାୟ ନିଜ ଗାଁ ଆଦମପୁରକୁ ଛୁଟିରେ ଆସିଥିବାବେଳେ ନିଜ ସ୍କୁଲକୁ ବୁଲିବା ପାଇଁ ଆସିଥିଲେ। ଏହି ଅବସରରେ ପୂର୍ବତନ ପ୍ରଧାନଶିକ୍ଷକ ତଥା ମୋ ସ୍କୁଲ ଅଧ୍ୟକ୍ଷ ସୁରେନ୍ଦ୍ର କୁମାର ରାୟଙ୍କ ସଭାପତିତ୍ୱରେ ଏକ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇ ବୈଜ୍ଞାନିକ ସୁରେନ୍ଦ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବତନ ଛାତ୍ର ସନ୍ତୋଷ ଦାସ ସ୍ୱାଗତ ଭାଷଣ ଦେଇ ବୈଜ୍ଞାନିକ ରାୟ ଏହି ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କ ପ୍ରେରଣାର ଉତ୍ସ ବୋଲି କହିଥିଲେ। ଏହି ଅବସରରେ ରାୟ କହିଥିଲେ ଯେ, ସାଧାରଣ ପରିବାରରେ ଜନ୍ମ ହୋଇ ମଧ୍ୟ ସାଧନା ଓ ଦୂରଦୃଷ୍ଟି ବଳରେ ସଫଳତାର ସହ ଏହି ସୋପାନରେ ପହଞ୍ଚି ପାରିଛନ୍ତି। ଏଥିପାଇଁ ଦୃଢ ଆତ୍ମବିଶ୍ୱାସର ଆବଶ୍ୟକତା ରହିଛି ବୋଲି କହିଥିଲେ। ରାୟ ମଧ୍ୟ ସ୍କୁଲରେ ପ୍ରତିଷ୍ଠା ହୋଇଥିବା ପି.କେ ପରିଜା ଶିଶୁ ବିଜ୍ଞାନଗାରର ବିକାଶ ପାଇଁ ଆର୍ଥିକ ସହାୟତା ପ୍ରଦାନ କରିବାକୁ ଘୋଷଣା କରିଥିଲେ।

■ କେଡିଏମ କ୍ରିକେଟ ଟୁର୍ନାମେଣ୍ଟ

# ଗଙ୍ଗାଧରପୁର, ଜାରକା ବିଜୟୀ

**ଧର୍ମଶାଳା,୭।୧(ଡି.ଏନ.ଏ.):**

କଳ୍ପତରୁ ଦାସ ନ୍ୟାଶନାଲ ଫାଉଣ୍ଡେଶନ ପକ୍ଷରୁ ଚାଲିଥିବା ୫ମ କେଡିଏମ କ୍ରିକେଟ ଟୁର୍ନାମେଣ୍ଟର ମଙ୍ଗଳବାର ଥିଲା ଦ୍ୱିତୀୟ ଦିବସ। ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମଠାରେ ଆୟୋଜିତ ଏହି ସୁପରଟେନ ମ୍ୟାଚର ଦ୍ୱିତୀୟ ଦିନରେ ୨ଟି ମ୍ୟାଚ ଗଙ୍ଗାଧରପୁର ଓ ଜାରକା ଟିମ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚରେ ଓଡ଼ିଶୋ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୯ ଉଇକେଟ ହରାଇ ୯୦ ରନ ସଂଗ୍ରହ କରିଥିଲା। ଦଳପକ୍ଷରୁ ସୂର୍ଯ୍ୟନାରାୟଣ ପ୍ରଧାନ ୩୦ ଓ ତୁଷାରକାନ୍ତ ରାଉତ ୧୪ ରନ କରିଥିଲେ। ଗଙ୍ଗାଧରପୁର ଦଳର ସୁରେଶ ବେହେରା ୩ଟି, ହିମାଂଶୁ ବରାଳ ୨ ଉଇକେଟ ଅକ୍ତିଆର କରିଥିଲେ। ଗଙ୍ଗାଧରପୁର ଟିମ ବ୍ୟାଟିଂ କରି ୯.୩ ଓଭରରେ ୨ ଉଇକେଟ ହରାଇ ୯୫ ରନ କରି ବିଜୟୀ ହୋଇଥିଲା। ଦଳପକ୍ଷରୁ ସତ୍ୟପ୍ରକାଶ ଜେନା ଓ ପରବିଶ ମିଶ୍ର ୩୦ ଲେଖାଏଁ ରନ କରିଥିଲେ। ଓଡ଼ିଶୋ ଦଳର ବିକାଶ ରାଉତ ଓ ସଂଗ୍ରାମ ମଲିକ ଗୋଟିଏ ଲେଖାଏଁ ଉଇକେଟ ନେଇଥିଲେ। ଦ୍ୱିତୀୟ ମ୍ୟାଚରେ କଣ୍ଟିଗଡିଆ ଦଳ ବ୍ୟାଟିଂ କରି ୧୫ ଓଭରରେ ୩ ଉଇକଟେ ହରାଇ ୨୦୧ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଜେ.କେ ରାୟ ୧୨୫ ଓ ଅରବିନ୍ଦ ବିଶ୍ୱାଳ ୪୬ ରନ କରିଥିଲେ। ଜାରକା ଦଳର ସ୍ୱପ୍ନେଶ୍ୱର ବେହେରା ୨ଟି ଓ ମକରଧ୍ୱଜ ଦାସ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଜାରକା ଦଳ ବ୍ୟାଟିଂ କରି ୧୪ ଓଭରରେ ୪ ଉଇକେଟ ହରାଇ ୨୦୫ ରନ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଶ୍ରୀକାନ୍ତ ମହାନ୍ତି ୮୪ ଓ ସତ୍ୟସାଗର ମହାନ୍ତି ୬୨ ରନ କରିଥିଲେ। ବିପକ୍ଷ କଣ୍ଟିଗଡିଆ ଦଳର ଦୀପକ ନାୟକ ୨ଟି ଓ ଜ୍ୟୋତିପ୍ରକାଶ ମହାନ୍ତି ଗୋଟିଏ ଉଇକେଟ ନେଇଥିଲେ। ମ୍ୟାଚକୁ ନାରାୟଣ ପାଲ, ଅମରେଶ ପରିଡା, ଇନ୍ତେକାବ ଆଲମ ଓ ରଞ୍ଜନ ପାଲ ପରିଚାଳନା କରିଥିଲେ। ବାସୁଦେବ ମିଶ୍ର ଓ ପ୍ରକାଶ ଧଳ ସ୍କୋରରେ ସହାୟତା କରିଥିଲେ। ବୁଧବାର ନଠୁଆବର ସହିତ ରାଇଛନ୍ଦା ଓ ପ୍ରଥମାଖଣ୍ଡି ସହିତ ପର୍ଗୁଣିଆ ପଞ୍ଚାୟତ ଟିମ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକ ସୂଚନା ଦେଇଛନ୍ତି।

■ ରାଜ୍ୟସ୍ତରୀୟ ଚକାଆଖି କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

# ୟୁନିୟନ ସ୍ପୋର୍ଟିଂ ବିଜୟୀ

**ଧର୍ମଶାଳା,୭।୧(ଡି.ଏନ.ଏ.)**

ଧର୍ମଶାଳା ବ୍ଲକ ରାମଚନ୍ଦ୍ରପୁରସ୍ଥିତ ଚକାଆଖି ସ୍ପୋର୍ଟିଂ କ୍ଲବ ପକ୍ଷରୁ ୨୬ତମ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ରାମଚନ୍ଦ୍ରପୁର ଖେଳ ପଡିଆଠାରେ ଉଦ୍‌ଘାଟିତ ହୋଇଛି। ଜେନାପୁର ଥାନା ଅଧିକାରୀ ସୁଶାନ୍ତ କୁମାର ଦାସ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚରେ ବିଏଜେମସିସି ବାରପଦାକୁ ୟୁନିୟନ ସ୍ପୋର୍ଟିଂ କଟକ ଦଳ ୧୩ ରନରେ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ୟୁନିୟନ ସ୍ପୋର୍ଟିଂ କଟକ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭରରୁ ୧୪.୧ ଓଭରରେ ସମସ୍ତ ଉଇକେଟ ହରାଇ ୧୩୩ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଏମ୍. ଜେନା ୪୦ ଓ ବିନାୟକ ସାହୁ ୨୬ ରନ କରିଥିଲେ। ବାରିପଦା ଦଳର ଅଜିତ ମିଶ୍ର ୩ଟି ଓ କ୍ରିଷ୍ଣା ମହାନ୍ତି ୨ଟି ଉଇକେଟ ନେଇଥିଲେ। ଜବାରା ବିଜେଏମସିସି ୨୪.୧ ଓଭରରେ ସମସ୍ତ ଉଇକେଟ ହରାଇ ୧୨୦ ରନ କରି ପରାସ୍ତ ହୋଇଥିଲା। ଦଳ ପକ୍ଷରୁ ଦିବେଶ ମହାନ୍ତି ୨୯ ଓ ସୌମ୍ୟରଞ୍ଜନ ଦାସ ୩୬ ରନ ସଂଗ୍ରହ କରିଥିଲେ। କଟକ ଦଳର ବିନାୟକ ମହାନ୍ତି ୩ଟି ଓ ପ୍ରଶାନ୍ତ ରଣା ୨ ଉଇକେଟ ନେଇଥିଲେ। ବିଜୟୀ ଦଳର ବିନାୟକ ମହାନ୍ତିଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ଦିଆଯାଇଥିଲା। ଖେଳକୁ ଚନ୍ଦ୍ରକାନ୍ତ ଦ୍ୱିବେଦୀ ଓ ଦୁର୍ଗାପ୍ରସାଦ ପଟ୍ଟନାୟକ ପରିଚାଳନା କରିଥିଲେ। ବୁଧବାର ପୁରୀ ମହାବୀର କ୍ଲବ ଓ କ୍ରାଉନ ଭୁବନେଶ୍ୱର ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ସଭାପତି ଲକ୍ଷ୍ମୀଧର କରଣ ସୂଚନା ଦେଇଛନ୍ତି।

# ମାଙ୍କଡ଼ା ବୋଝେଇ ଟ୍ରକ ଜବତ

**ଚଣ୍ଡିଖୋଲ,୭।୧(ଡି.ଏନ.ଏ.)**

ବଡ଼ଚଣା ଥାନା ପକ୍ଷରୁ ମଙ୍ଗଳବାର ଚଢ଼ାଉ କରାଯାଇ ଦର୍ପଣ-ବଡ଼ଚଣା ପୂର୍ତ୍ତବିଭାଗ ରାସ୍ତାର ଭୁଷଣ୍ଡପୁର ନିକଟରୁ ଏକ ଚୋରା ମାଙ୍କଡ଼ା ପଥର ବୋଝେଇ ଟ୍ରକକୁ ଜବତ କରାଯାଇଛି। ସକାଳେ (ଓଆର-୦୯-ଇ-୮୮ ୭୫) ନମ୍ବର ବିଶିଷ୍ଟ ଟ୍ରକଟି ମାଙ୍କଡ଼ା ପଥର ବୋଝେଇ କରି ଆସୁଥିବା ବେଳେ ବଡ଼ଚଣା ପୋଲିସ ଅଟକାଇ ଥିଲା। ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ପୋଲିସ ଟ୍ରକ୍‌କୁ ଜବତ କରିବା ସହ ଏକ ମାମଲା ନଂ-୧/୨୦ ରୁଜୁ କରି ତଦନ୍ତ ଚଳାଇଥିବା ଥାନା ପକ୍ଷରୁ ସୂଚନା ଦିଆଯାଇଛି।

# ଛାତ୍ର ମୃତ୍ୟୁରେ ବିଦ୍ୟାଳୟରେ ଶୋକସଭା

**କୋରେଇ,୭।୧(ସ୍ୱ.ପ୍ର)**

ପାଣିକୋଇଲି ଥାନା ଅନ୍ତର୍ଗତ ଜହ୍ନା ପଞ୍ଚାୟତର କୁରୁପଦା ଗ୍ରାମରେ ସୋମବାର ଘଟକେଶ୍ୱର ନୋଡାଲ ୟୁପି ସ୍କୁଲର ୪ର୍ଥ ଶ୍ରେଣୀର ଛାତ୍ର ରାକେଶ ଦାଶ (୧୦) ଏକ ସାଇକେଲେ ଯୋଗେ ସ୍କୁଲରୁ ଘରକୁ ଫେରୁଥିବାବେଳେ ତାଙ୍କ ଘରର ଅନତୀ ଦୂରରେ ଏକ ସିମେଣ୍ଟ ବୋଝେଇ ଟ୍ରକ୍ ଧକ୍କା ଦେବା ସହ ମୁଣ୍ଡ ଉପରେ ଚଢି ଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ଘଟିଥିଲା। ରାକେଶଙ୍କ ସ୍ମୃତିରେ ମଙ୍ଗଳବାର ବିଦ୍ୟାଳୟରେ ଶିକ୍ଷୟିତ୍ରୀଶିକ୍ଷକ ଓ ଛାତ୍ରୀଛାତ୍ର ମିଳିତ ଭାବେ ଏକ ଶୋକସଭା କରିଥିଲେ। ପରେ ଶିକ୍ଷକ ଓ ପରିଚାଳନା କମିଟିର ସଦସ୍ୟମାନେ ତାଙ୍କ ପରିବାରକୁ ଯାଇ ଭେଟିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜ୍ଞାପନ କରିଥିଲେ।

ଧର୍ମଶାଳା ମହୋତ୍ସବ
ଚତୁର୍ଦ୍ଦଶ ସନ୍ଧ୍ୟା

# ମନମୋହିଲା ବୀଣାପାଣୀ କଳାକାରଙ୍କ ନୃତ୍ୟ, ସଙ୍ଗୀତ

**ଧର୍ମଶାଳା,୭।୧(ଡି.ଏନ.ଏ.)**

ଧର୍ମଶାଳା ବ୍ଲକ ଅଧୀନ ଜାରକାଠାରେ ଚାଲିଥିବା ଧର୍ମଶାଳା ମହୋତ୍ସବର ଚର୍ତୁଦଶ ସନ୍ଧ୍ୟା ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଏହି ସନ୍ଧ୍ୟାରେ ବୀଣାପାଣୀ କଳାପୀଠ କଳାକାରଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା। ଏହା ଦର୍ଶକଙ୍କ ମନକୁ ମୋହିଥିଲା। ବୁଧବାର ମହୋତ୍ସବର ଉଦଯାପନୀ ଉତ୍ସବ ଅନୁଷ୍ଠିତ ହେବ। ମହୋତ୍ସବ ସରିଆସୁଥିବାରୁ ଶୀତକୁ ଖାତିର ନ କରି ମହିଳାପୁରୁଷ ଅପରାହ୍ନ ୨ଟାରୁ ରାତିଯାଏ ବୁଲୁଥିବା ଦେଖିବାକୁ ମିଳିଥିଲା। ଜାତୀୟ ରାଜପଥ ଦୁଇପାର୍ଶ୍ୱରେ ହଜାର ହଜାର ସଂଖ୍ୟକ ବାଇକ ଥୁଆ ହୋଇଥିବାବେଳେ ଗଳିପୋଲ ତଳ ରାସ୍ତାରେ ଟ୍ରାଫିକ ନିୟନ୍ତ୍ରଣ କରିବା ପାଇଁ ପୋଲିସ ନାକେଦମ ହୋଇ ପଡ଼ିଥିଲା। ସ୍କୁଲ, କଲେଜ ଛାତ୍ରୀଛାତ୍ର ପୂର୍ବାହ୍ନରେ ମହୋତ୍ସବ ପଡିଆରେ ବୁଲି ସାଙ୍ଗଙ୍କ ସହ ସେଲ୍ଫି ନେବା ସହ ଗୁପଚୁପ, ଚଟପଟିର ମଜା ନେଇଥିଲେ। ଧର୍ମଶାଳା ଅଞ୍ଚଳ ସର୍ବଧର୍ମ ସମନ୍ୱୟର ପୀଠ ହୋଇଥିବାରୁ ପ୍ରତ୍ୟେହ ସନ୍ଧ୍ୟାରେ ସବୁବର୍ଗଙ୍କ ପାଇଁ ନୃତ୍ୟ, ଗୀତ, ଭଜନ ଓ ସାଂସ୍କୃତିକ ପ୍ରତିଯୋଗିତା ହେଉଛି। ପ୍ରବଳ ଜନସମାଗମକୁ ଆଖି ଆଗରେ ରଖି ଏକ ପ୍ଲାଟୁନ ସିଆରପିଏଫ ଫୋର୍ସ ମୁତୟନ କରାଯାଇଛି। ଉଦ୍‌ଯାପନୀ ଉତ୍ସବରେ ଚାନ୍ଦବାଲିର ଡାଇମଣ୍ଡ ଡ୍ୟାନ୍ସ ଗ୍ରୁପ କଳାକାରଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

# ସଡ଼କ ସୁରକ୍ଷା ସଚେତନତା ସପ୍ତାହ ପାଳନ ପ୍ରସ୍ତୁତି ବୈଠକ

**ଚଣ୍ଡିଖୋଲ,୭।୧(ଡି.ଏନ.ଏ.):**

ଆସନ୍ତା ୧୧ରୁ ୧୭ତାରିଖ ପର୍ଯ୍ୟନ୍ତ ସଡ଼କ ସୁରକ୍ଷା ସଚେତନତା ସପ୍ତାହ ପାଳନ କରାଯିବ। ଏହି ସପ୍ତାହ ମଧ୍ୟରେ ଲୋକଙ୍କୁ ଦୁର୍ଘଟଣାରୁ ରକ୍ଷା କରିବା ଉପରେ ସଚେତନ କରାଯିବ। ମଙ୍ଗଳବାର ଚଣ୍ଡିଖୋଲ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପରିସରରେ ଏହି ସପ୍ତାହ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଆରଟିଓ ଲାଲମୋହନ ସେଠୀଙ୍କ ଅଧ୍ୟକ୍ଷତାରେ ହୋଇଥିଲା। ଏଥିରେ ଚଣ୍ଡିଖୋଲ-ଦୁବୁରୀ ୫୩ନଂ ଜାତୀୟ ରାଜପଥ ଡେଥ ଜୋନ ଭାବେ ପରିଗଣିତ ହୋଇଥିବାରୁ ଏହା ଉପରେ ଫୋକସ କରାଯାଇଥିଲା। ୩୦ କିମି ଗତିରେ ସମସ୍ତ ଗାଡ଼ି ଚଳାଚଳ କରିବାକୁ ନିବେଦନ କରାଯାଇଥିଲା। ଚଣ୍ଡିଖୋଲଠାରୁ ଦୁବୁରୀ ପର୍ଯ୍ୟନ୍ତ ସ୍ୱେଚ୍ଛାସେବୀଙ୍କୁ ନେଇ ଏକ ବାଇକ୍ ରାଲି, ସ୍କୁଲ ଛାତ୍ରୀଛାତ୍ରଙ୍କୁ ସଡ଼କ ସୁରକ୍ଷା ସଚେତନତା ପାଇଁ ନିୟୋଜିତ କରିବାକୁ ନିଷ୍ପତ୍ତି ହୋଇଥିଲା। ଡିସେମ୍ବର ୨୦ରେ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଚଣ୍ଡିଖୋଲ-ଦୁବୁରୀ ଜାତୀୟ ରାଜପଥରେ ୩୦ କିମି ଗତିରେ ଗାଡ଼ି ଚଳାଚଳ କରାଇବା ପାଇଁ ଜିଲା ପ୍ରଶାସନକୁ ଚିଠି ଲେଖିଥିଲେ। ରାଜପଥ ଦାୟିତ୍ୱରେ ଥିବା ପ୍ରକଳ୍ପ ନିର୍ଦ୍ଦେଶକ ପ୍ରମୋଦ ସାବତ ସେତେବେଳେ ଜିଲାପାଳଙ୍କୁ ଚିଠି ଲେଖି ସମ୍ପୃକ୍ତ ରାଜପଥରେ କଡ଼ାକଡ଼ି ନିୟମ ପାଳନ କରିବାକୁ କହିଥିଲେ। ହେଲେ ତାହା ଏ ପର୍ଯ୍ୟନ୍ତ ଚଣ୍ଡିଖୋଲ ଆରଟିଓ ପାଳନ କରିନାହାନ୍ତି। କେବଳ ପୁରୁଣା ବର୍ଷ ଭଳି ସଡ଼କ ସୁରକ୍ଷା ସଚେତନତା କରିବାକୁ ବୈଠକରେ ନିଷ୍ପତ୍ତି କରାଯାଇଥିଲା। ବଡ଼ଚଣା ଥାନା ଅଧିକାରୀ ଦୀପକ ଜେନା, ବାଲିଚନ୍ଦ୍ରପୁର ଥାନା ଅଧିକାରୀ ସୁକାନ୍ତ ପାତ୍ର, ଜେନାପୁର ଥାନା ଅଧିକାରୀ ସୁଶାନ୍ତ ଦାସ, ଚଣ୍ଡିଖୋଲ ଟ୍ରାଫିକ ଥାନା ଅଧିକାରୀ ବିଜୟିନୀ ମଲ୍ଲ, ଲଘୁ ଖଣିଜ ପରିବହନ ମାଲିକ ସଂଘର ରଜନୀକାନ୍ତ କର, ଚଣ୍ଡିଖୋଲ ଟ୍ରକ ମାଲିକ ସଂଘ ସମ୍ପାଦକ ପୁଷ୍ପରାଜ ନାୟକ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଭାଷଣରେ ସୀମିତ ନ ରହୁ ସଚେତନତା

ଅନ୍ୟପକ୍ଷରେ ସଡ଼କସୁରକ୍ଷା ସଚେତନତା କେବଳ ସଭା ଓ ଭାଷଣ ବାଜିରେ କକରାଯାଉଥିବା ଅଭିଯୋଗ ହେଉଛି। ଯେଉଁଥି ପାଇଁ ଦୁର୍ଘଟଣାର ହାର କମିବା ବଦଳରେ ବଢ଼ିବାରେ ଲାଗୁଛି। କେବଳ ମୋଟର ଯାନ ଆଇନ କଡ଼ାକଡ଼ି ଲାଗୁ ପରେ ଦୁର୍ଘଟଣା ହ୍ରାସ ପାଇଛି। ବିଭିନ୍ନ ସ୍ଥାନରେ ତନଖି କରିବା ଓ ଜରିମାନା ଆଦାୟ କରିବା ଦ୍ୱାରା ଦୁର୍ଘଟଣାକୁ ରୋକାଯାଇ ପାରିଥିବା ବୁଦ୍ଧିଜୀବୀ ମତବ୍ୟକ୍ତ କରୁଛନ୍ତି। ପରିବହନ ବିଭାଗ ତରଫରୁ ପ୍ରତ୍ୟେକ ବର୍ଷ ସଡ଼କ ସୁରକ୍ଷା ସପ୍ତାହ ପାଳନ କରାଯାଇ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ଏଥିପାଇଁ ବିଭିନ୍ନ ସ୍ଥାନରେ ସଭା ସମିତି କରାଯାଉଥିଲେ ମଧ୍ୟଗାଡ଼ି ଚାଳକଙ୍କୁ ସେତିକି ସଚେତନ କରାଯାଉନାହିଁ। କେବଳ ବିଭିନ୍ନ ଛକ ବଜାରରେ ସଚେତନତା ବ୍ୟାନର ଲଗାଇ ଦେଇ ବିଭାଗ ବସିପଡୁଛି। ଯେଉଁଥି ପାଇଁ ସଡ଼କ ସୁରକ୍ଷା ସପ୍ତାହ ଫଳପ୍ରଦ ହୋଇପାରୁନାହିଁ। ଏସମ୍ପର୍କରେ ଚଣ୍ଡିଖୋଲ ଆରଟିଓ ସେଠୀଙ୍କୁ ପଚାରିବାରେ ସେ କହିଥିଲେ, ପୂର୍ବରୁ ଯାହା ତ୍ରୁଟି ହୋଇଛି ତାକୁ ଚଳିତ ଥର ସଂଶୋଧନ କରାଯିବ। ଏବେ ଦେଖିବାକୁ ଅପେକ୍ଷା କିପରି ତ୍ରୁଟି ସଂଶୋଧନ କରାଯାଉଛି।

# ପେସା ଖବରକାଗଜ ବିତରଣ, ନିଶା ବୃଦ୍ଧାବୃଦ୍ଧଙ୍କ ସେବା

**ବରୀ,୭।୧(ସ୍ୱ.ପ୍ର.)**

ରାତି ପାହିଲେ ବରୀ ବସ୍‌ଷ୍ଟାଣ୍ଡରୁ ଆରମ୍ଭ କରି ଗାଁ ଗହଳି ପର୍ଯ୍ୟନ୍ତ ବିଭିନ୍ନ ଖବରକାଗଜ ବିକ୍ରି କରୁଥିବା ଜଣେ ବିତରକଙ୍କର ବୃଦ୍ଧାବୃଦ୍ଧଙ୍କ ସେବା କରିବା ନିଶା ପାଲଟିଛି। ସେ ହେଉଛନ୍ତି ଯାଜପୁର ଜିଲା ବରୀ ବ୍ଲକ ଅଧୀନ ରମ୍ପା ଗ୍ରାମର ପ୍ରସନ୍ନ କୁମାର ପରିଡା (୫୩)। ମାଟ୍ରିକ ଫେଲ ହେବା ପରେ ନିଜକୁ ଦୀର୍ଘ ୩୬ ବର୍ଷ ହେଲା ଖବର କାଗଜ ବିତରକ ଭାବେ ନିୟୋଜିତ କରିଛନ୍ତି। ଦୈନିକ ୩୦ କି.ମି ସାଇକେଲରେ ବୁଲିବୁଲି ଖବର କାଗଜ ବିକ୍ରି କରିଥାନ୍ତି। ଅଭାବୀ ସଂସାରର ଭରଣପୋଷଣ ପାଇଁ ଯାହା କିଛି ରୋଜଗାର ହୁଏ, ସେଥିରେ ସେ ଦୁଃଖକଷ୍ଟରେ ଚଳି ଯାଆନ୍ତି। ପରିଡାଙ୍କ ଘରେ ସ୍ତ୍ରୀ ଜଣେ ମାନସିକ ରୋଗୀ ଓ ୨ଜଣ ଭିନ୍ନକ୍ଷମ ବଢିଲା ଝିଅ ଅଛନ୍ତି। ଏତେ ଦୁଃଖକଷ୍ଟ ଥାଇ ମଧ୍ୟ ସକାଳୁ ସଞ୍ଜ ଯାଏ ଖବରକାଗଜ ବିକ୍ରି କରିସାରିବା ପରେ ବୃଦ୍ଧାବୃଦ୍ଧଙ୍କ



ପ୍ରସନ୍ନ ଜଣେ ବୃଦ୍ଧଙ୍କ ସେବା କରୁଛନ୍ତି ।

ସେବା କରିବା ପାଇଁ ଗାଁକୁ ଗାଁ ଧାଇଁ ଯାଆନ୍ତି। ବରୀ ବସ୍‌ଷ୍ଟାଣ୍ଡରୁ ଖବରକାଗଜ ବିକ୍ରି କରିବା ଆରମ୍ଭ କରି ଅପରାହ୍ନରେ ନଦୀନାଳ ଘେରା ରତଳାଙ୍ଗ ଗ୍ରାମରେ ନିଜ ପେଶା ଶେଷ କରିଥାନ୍ତି। ସେହିଦିନଠାରୁ ଆରମ୍ଭ କରନ୍ତି ନିଜର ମଣିଷପଣିଆ ସ୍ୱଭାବ। ରତଳାଙ୍ଗ ଗ୍ରାମର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କାଳନ୍ଦୀ ଜେନା(୮୨) ଏବେ ଶଯ୍ୟାସାୟୀ ଥିବାରୁ ତାଙ୍କର ସେବା କରିଥାନ୍ତି ପରିଡା। ଜେନାଙ୍କୁ ଶୌଚ କରିବାଠାରୁ ଆରମ୍ଭ କରି ଔଷଧ ଖୁଆଇଦେବା ସହିତ ଅନେକ ସେବା ଯୋଗାଇଥାନ୍ତି। ସେହିପରି ଆଖପାଖ ଗାଁର ୧୦ରୁ ଊର୍ଦ୍ଧ୍ୱ ବୃଦ୍ଧାବୃଦ୍ଧଙ୍କ ସେବା କରି ଆସୁଛନ୍ତି ପରିଡା। ଏଥିସହିତ ବରୀ ବଜାରରେ ବିଭିନ୍ନ ଲୋକଙ୍କ ନିଃସ୍ୱାର୍ଥପର ସେବା ମଧ୍ୟ କରିଥାନ୍ତି। ଏଥିରୁ ତାଙ୍କୁ ଆନନ୍ଦ ମିଳେ ବୋଲି କୁହନ୍ତି ପ୍ରସନ୍ନ ପରିଡା। ଏବେ ଯେଉଁ ବୃଦ୍ଧାବୃଦ୍ଧ ନିରାଶ୍ରୟ ହୋଇ ରହିଛନ୍ତି ତାଙ୍କୁ ସେବା ଯୋଗାଇ ଦେବା ପାଇଁ ପ୍ରସନ୍ନଙ୍କୁ ଖୋଜା ପଡୁଛି। ଶେଷ ନିଶ୍ୱାସ ଥିବା ପର୍ଯ୍ୟନ୍ତ ବୃଦ୍ଧାବୃଦ୍ଧଙ୍କ ସେବା କରୁଥିବି ବୋଲି ପ୍ରସନ୍ନ କହିଛନ୍ତି।



“ଯାହାର କୌଣସି ମୂଲ୍ୟ ନାହିଁ, ତାକୁ ହିଁ ପାଇବା ପାଇଁ ଅଯଥା ଶକ୍ତି ବ୍ୟୟ କରିବା ମହାଦୁଃଖଦାୟକ।

- ଆଇନ୍‌ଷ୍ଟାଇନ୍

## ସଂକ୍ଷେପରେ

### ଭାରତ ବନ୍ଦକୁ ଯାଜପୁର କଂଗ୍ରେସର ସମର୍ଥନ

**ଯାଜପୁର ଟାଉନ, ୭ା୧ (ଡି.ଏନ୍.ଏ.):** ଟ୍ରେଡ୍ ୟୁନିୟନ ସଂଘ ପକ୍ଷରୁ ବୁଧବାର ଭାରତ ବନ୍ଦ ଡାକରା ଦିଆଯାଇଥିବା ବେଳେ ଏହି ବନ୍ଦକୁ ସମର୍ଥନ କରିଛି ଯାଜପୁର ଜିଲା କଂଗ୍ରେସ। ଏହି ଉପଲକ୍ଷେ ଜିଲା କଂଗ୍ରେସ କାର୍ଯ୍ୟାଳୟଠାରେ ମଙ୍ଗଳବାର ଏକ ବୈଠକ ବସିଥିଲା। ବୈଠକରେ ଜିଲା କଂଗ୍ରେସ କମିଟି ସଭାପତି ମନୋଜ କୁମାର ରାଉତ, ଦିଗମ୍ବର କର, ବିଷ୍ଣୁଚରଣ ରାଉତ, ବଳଭଦ୍ର ଦାସ, ରାହାସ ବିହାରୀ ଦାସ, ବିଳାସ ରାଉତରାୟ, ରାଜୀବ ମହାପାତ୍ର, ଦୁର୍ଯ୍ୟୋଧନ ବେହେରା, ବିଭୂତି ଭୂଷଣ ରାଉତରାୟ, ନିତାଇ ଚାନ୍ଦ ମହାନ୍ତି, ହୃଷୀକେଶ ପତି, କନକଲତା ରାଉତ, ସଂଗ୍ରାମ ଜେନା, ବିଦ୍ୟାଧର ବାରିକ, ସୁରଜ ରାଉତରାୟ, ଆଦିତ୍ୟ କୁମାର ମହାନ୍ତି, ରବୀନ୍ଦ୍ର କୁମାର ରଣା, ସନ୍ତୋଷ ବେହେରା, ଅନିଲ ମହାନ୍ତି, ଗଦାଧର ଦାସ, ବିଜୟ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଆଇଏନ୍‌ଟିୟୁସିର ପରମାନନ୍ଦ ସେଠୀ, ସିଆଇଟିୟୁର ପ୍ରଫୁଲ୍ଲ କୁମାର ନାୟକ, ଏଆଇଟିୟୁସିର ସୁରେଶ ପ୍ରଧାନ, ମଧୁସୂଦନ ଜେନା, ଚନ୍ଦ୍ରମଣି ପାତ୍ର ପ୍ରମୁଖ ଯୋଗଦେଇଥିଲେ।

### ଯୋଗ ଶିବିର ଅନୁଷ୍ଠିତ

**ରତ୍ନଗିରି, ୭ା ୧(ଡି.ଏନ୍.ଏ.):** ବରୀ ବ୍ଲକ ଅନ୍ତର୍ଗତ ଧାରପୁର ପଞ୍ଚାୟତର ସାମାଜିକକର୍ମୀ ସ୍ୱର୍ଗତ କରୁଣାକର ଭୂୟାଁଙ୍କ ମଙ୍ଗଳବାର ପ୍ରଥମ ଶ୍ରାଦ୍ଧ ବାର୍ଷିକ ଦିବସରେ ଏକ ଯୋଗ ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସ୍ୱର୍ଗତ ଭୂୟାଁଙ୍କ ପ୍ରତିମୂର୍ତ୍ତୀରେ ଉପସ୍ଥିତ ଅତିଥିମାନେ ମାଲ୍ୟାର୍ପଣ କରିବା ପରେ ଯୋଗ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରକୁ ଧାରପୁର ପଞ୍ଚାୟତର ସରପଞ୍ଚ ଟି. ରୋଜାଲିନ ଶାନ୍ତି, ପୂର୍ବତନ ସରପଞ୍ଚ ବିଜୟାନନ୍ଦ ଜେନା ଓ ଶ୍ରୀଧର ସେଠୀ ପ୍ରମୁଖ ଉପସ୍ଥିତ ରହି ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଉକ୍ତ ଶିବିରରେ ବରୀ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସମେତ ବିଭିନ୍ନ କ୍ଲବର ସଦସ୍ୟମାନେ ଯୋଗ ଦେଇଥିଲେ। ପ୍ରଶିକ୍ଷକା ମମତା ମହାନ୍ତି ଶିବିରରେ ଯୋଗଦେଇ ଯୋଗ ମଣିଷର ମାନସିକ ଓ ଶାରୀରିକ ଅବସ୍ଥା କ୍ଷେତ୍ରରେ ଏକ ମାଧ୍ୟମ ବୋଲି ମତବ୍ୟକ୍ତ କରିଥିଲେ। ଏହି ଶିବିର ଆସନ୍ତା ୯ତାରିଖ ପର୍ଯ୍ୟନ୍ତ ଚାଲୁରହିବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି।

### ଯୁଦ୍ଧ ନୁହେଁ ଶାନ୍ତି ଚାହୁଁ

ଆମେ ବିପଦରେ ସାଥୀ ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏସ୍‌ପିଙ୍କୁ ଦାବିପତ୍ର

**କୋରେଇ,୭ା୧(ସ୍ୱ.ପ୍ର.)-** ଆମେ ଯୁଦ୍ଧ ନୁହେଁ ଶାନ୍ତି ଚାହୁଁର ବାର୍ତ୍ତା ସମଗ୍ର ବିଶ୍ୱକୁ ଦେବା ପାଇଁ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଉଦ୍ଦେଶରେ ଏକ ନିବେଦନ ପତ୍ର ଯାଜପୁର ଏସ୍‌ପିଙ୍କ ଜରିଆରେ ମଙ୍ଗଳବାର ପ୍ରଦାନ କରାଯାଇଛି। ଯୁଦ୍ଧହେଲେ କେବଳ ଆମେରିକା, ଇରାନ ନୁହେଁ ସମଗ୍ର ବିଶ୍ୱରେ ଏହାର ପ୍ରଭାବ ପଡିବ। ଯାହା ଦ୍ୱାରା ସମଗ୍ର ବିଶ୍ୱ ପ୍ରଭାବିତ ହେବ। ତେଣୁ ଯେ କୌଣସି ଉପାୟରେ ଯୁଦ୍ଧ ବନ୍ଦ କରାଇବାକୁ ଯାଜପୁର ଜିଲାର ସ୍ୱେଚ୍ଛାସେବୀ ସଙ୍ଗଠନ ଆମେ ବିପଦର ସାଥୀ ନିବେଦନ କରିଛି। ମଙ୍ଗଳବାର ପାଣିକୋଇଲି ମା’ ତାରିଣୀ ମନ୍ଦିରରୁ ଏକ ଶୋଭାଯାତ୍ରା ପ୍ଲାକାର୍ଡ ଧରି ଶାନ୍ତିର ବାର୍ତ୍ତା ସ୍ଲୋଗାନ ଦେଇ ବଜାର ପରିକ୍ରମା କରିବା ପରେ ଏସ୍‌ପି ଅଫିସରେ ପହଞ୍ଚିଥିଲା। ସେଠାରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା।

### ୨୦ରୁ ଓଳାଶୁଣୀ ଗୁମ୍ଫା ମହୋତ୍ସବ
### ଜିଲାପାଳଙ୍କୁ ସାକ୍ଷାତ କଲେ ଟ୍ରଷ୍ଟ ସଦସ୍ୟ

**ଯାଜପୁର ଅଫିସ,୭ା୧-** ଓଡ଼ିଶାର ପ୍ରମୁଖ ଧର୍ମ, ସଂସ୍କୃତି ଓ ପର୍ଯ୍ୟଟନ କ୍ଷେତ୍ର ଓଳାଶୁଣୀ ଗୁମ୍ଫାଠାରେ ଚଳିତ ଜାନୁୟାରୀ ୨୦ତାରିଖଠାରୁ ପ୍ରସିଦ୍ଧ ସପ୍ତମ ଓଳାଶୁଣୀ ଗୁମ୍ଫାଯାତ୍ରା ଆରମ୍ଭ ହେଉଛି। ଓଳାଶୁଣୀ ଗୁମ୍ଫା ଉନ୍ନୟନ ଟ୍ରଷ୍ଟ ଓ ସନ୍ଥ ଅରକ୍ଷିତ ଦାସ ଫାଉଣ୍ଡେଶନ, ପଲାଇ ପକ୍ଷରୁ ଆୟୋଜିତ ହେଉଥିବା ଏହି ମହୋତ୍ସବ ପାଳନ ନେଇ ଅନୁଷ୍ଠାନର ସଦସ୍ୟମାନେ ମଙ୍ଗଳବାର ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସଙ୍କୁ ସାକ୍ଷାତ୍ କରି ଆଲୋଚନା କରିଛନ୍ତି। ଜିଲାପାଳ ତଥା ଜିଲା ସଂସ୍କୃତି ପରିଷଦର ଅଧ୍ୟକ୍ଷଙ୍କୁ ମହୋତ୍ସବରେ ଯୋଗଦେବା ପାଇଁ ଆମନ୍ତ୍ରଣ କରିବା ସହିତ ପୀଠର ବିକାଶ ପାଇଁ ଦୃଷ୍ଟି ଦେବାକୁ ଅନୁରୋଧ କରିଥିଲେ। ବିଶେଷକରି ଓଳାଶୁଣୀ ପୂର୍ବପଟ ଜାତୀୟ ରାଜପଥ ପାର୍ଶ୍ୱରୁ ପାହାଡ଼ ଶୀର୍ଷ ଭାଗକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୧କୋଟି ଟଙ୍କା ବ୍ୟୟରେ ଦୀର୍ଘବର୍ଷ ଧରି ନିର୍ମିତ ହେଉଥିବା ପକ୍କା ରାସ୍ତା କାର୍ଯ୍ୟ ଶେଷ ହୋଇ ନ ଥିବାରୁ ତୁରନ୍ତ ଏଥିପ୍ରତି ଦୃଷ୍ଟିଦେବାକୁ ଜଣାଇଥିଲେ। ଲକ୍ଷାଧିକ ଲୋକଙ୍କ ସମାଗମ ହେଉଥିବା ଏହି ଓଳାଶୁଣୀ ମେଳା ଶାନ୍ତିଶୃଙ୍ଖଳା ସହିତ ଆୟୋଜନ ନେଇ ଟ୍ରଷ୍ଟର ସଦସ୍ୟମାନେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

## ଅନୁଗୋଳ-ଡୁବୁରୀ-ସୁକିନ୍ଦା ରେଳ ପ୍ରକଳ୍ପ ପ୍ରସଙ୍ଗ

# ଥମୁନି ଜମି ଅଧିଗ୍ରହଣ ବିବାଦ ପ୍ରକ୍ରିୟା

**ଯାଜପୁର ଅଫିସ,୭ା୧**

ଅନୁଗୋଳ-ଡୁବୁରୀ-ସୁକିନ୍ଦା ରେଳପଥ ନିର୍ମାଣରେ ଜମି ଅଧିଗ୍ରହଣକୁ ନେଇ ବିବାଦ ଥମିବାର ନା ନେଉନାହିଁ। ସୁକିନ୍ଦା ତହସିଲ ଡୁବୁରୀ ମୌଜା ୧୨୭ ନମ୍ବର ଖାତା ଅଧିନରେ ଥିବା ବିବାଦୀୟ ୫୪ଏକର ଜମିରେ ରେଳପଥ ନିର୍ମାଣ କାମକୁ ନେଇ ମଙ୍ଗଳବାର ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଏହାକୁ ନେଇ ଉତ୍ୟକ୍ତ ଚାଷୀ ଓ ପୋଲିସ ମଧ୍ୟରେ ଧସ୍ତାଧସ୍ତି ହୋଇଛି। ପୋଲିସ ୮ଜଣ ଚାଷୀଙ୍କୁ ଗିରଫ କରି କଳିଙ୍ଗନଗର ଥାନାରେ ଅଟକ ରଖିବା ଘଟଣାକୁ ନେଇ ଉତ୍ତେଜନା ତୀବ୍ରତର ହୋଇଥିବାବେଳେ କ୍ଷତିଗ୍ରସ୍ତ ଶତାଧିକ ମହିଳାଚାଷୀ ଘଟଣାସ୍ଥଳରେ ଧାରଣାରେ ବସି ରହିଛନ୍ତି। ପରିସ୍ଥିତିକୁ ଦୃଷ୍ଟିରେ ରଖି କଳିଙ୍ଗନଗର ଅତିରିକ୍ତ ଏସ୍‌ପିଙ୍କ ନେତୃତ୍ୱରେ ୫ପ୍ଲାଟୁନ ପୋଲିସ ଫୋର୍ସଙ୍କୁ ଘଟଣାସ୍ଥଳରେ ମୂତୟନ କରାଯାଇଛି।

ଜମି ନାହିଁ ତ ଜୀବନ ନାହିଁ ନୀତିରେ ଅଞ୍ଚଳର ସମସ୍ତ ମହିଳା ଚାଷୀ ସାମୁହିକ ଆତ୍ମାହୁତି ଦେବାକୁ ସୋମବାର ନିଷ୍ପତ୍ତି ଦେଇଥିଲେ। ତଦନୁଯାୟୀ ସମ୍ପୃକ୍ତ ଅଞ୍ଚଳର ଶତାଧିକ ଚାଷୀ ମଙ୍ଗଳବାର ଏକ ର୍‍ୟାଲିରେ ହାତରେ କିରୋସିନ ଜାର ଧରି ଘଟଣାସ୍ଥଳକୁ ଆସିବାକୁ ଉଦ୍ୟମ କରିଥିଲେ। ହେଲେ ପୂର୍ବରୁ ସଜାଗ ଥିବା ପୋଲିସ ପ୍ରଶାସନ ବାଟରୁ ସେମାନଙ୍କୁ ଅଟକାଇ ଥିଲା। ଫଳରେ ପୋଲିସ ସହ ଚାଷୀଙ୍କ ପ୍ରବଳ ଧସ୍ତାଧସ୍ତି ପରିସ୍ଥିତି ସୃଷ୍ଟି ହୋଇଥିଲା। ଆନ୍ଦୋଳନର ନେତୃତ୍ୱ ନେଉଥିବା କୈଳାସ ମହାନ୍ତ, ଶରତ ମହାନ୍ତ, ରାଇବୁ ମହାନ୍ତ, ଧନେଶ୍ୱର ମହାନ୍ତ, ଗୋପାଳ ଚନ୍ଦ୍ର ମହାନ୍ତ, ଗଜେନ୍ଦ୍ର ମହାନ୍ତ,ଦୟାନିଧି ମହାନ୍ତ, ଅମର ମହାନ୍ତଙ୍କୁ ପୋଲିସ ଗିରଫ କରି ଥାନାରେ ଅଟକ ରଖିଛି। ଏହି ଘଟଣାକୁ ନେଇ ଉତ୍ତେଜନା ତେଜିବାରେ ଲାଗିଥିବାବେଳେ ଆନ୍ଦୋଳନର ନେତୃତ୍ୱ ନେଇଥିବା ମହିଳା ଚାଷୀ ବେଲବତୀ ମହାନ୍ତ, ପ୍ରମିଳା ମହାନ୍ତ, ଗୋଲାପ ମହାନ୍ତ, ମିନୁ ମହାନ୍ତ, ଜେମା ମହାନ୍ତ, ଭୁବନ ମହାନ୍ତ, ଅଞ୍ଜନ ମହାନ୍ତ ପ୍ରମୁଖଙ୍କ ନେତୃତ୍ୱରେ ଘଟଣା ସ୍ଥଳରେ ଧାରଣାରେ ବସିଛନ୍ତି। ରାତି ପ୍ରାୟ ୯ଟା ମଧ୍ୟରେ ଜିଲା ପ୍ରସାଶନ ପକ୍ଷରୁ କୌଣସି ଅଧିକାରୀ ଧାରଣାରତ ଚାଷୀଙ୍କ ନିକଟରେ ପହଞ୍ଚି ନ ଥିବା ଜଣାପଡ଼ିଛି।

ପ୍ରକାଶ ଯେ, ଡୁବୁରୀ ରାଜସ୍ୱ ସର୍କଲ ଅଧିନସ୍ଥ ଡୁବୁରୀ ମୌଜା ଖାତା ୧୨୭ରେ ମୋଟ ୬ଶହ ଏକର ଚାଷ ଜମି ରହିଛି। ସେହି ୬ଶହ ଏକର ଚାଷ ଜମିରୁ ରେଳବାଇ କାମ ପାଇଁ ୨୨ଜଣ ଚାଷୀଙ୍କୁ ୫୪ଏକର ଜମି ହରାଇବାକୁ ପଡୁଛି। ଏଥିଯୋଗୁ ଡୁବୁରୀ, ଝୁମ୍ପାଣ, ବାଘରାସାହି, ରଙ୍ଗାହୁଡି ପ୍ରଭୃତି ଅଞ୍ଚଳର ଚାଷୀଙ୍କ ୫୪ ଏକର ପଟ୍ଟା ଜମି ବିନା ନୋଟିସରେ ଓ ବିନା କ୍ଷତିପୂରଣରେ ବଳପୂର୍ବକ ଅଧିଗ୍ରହଣ କରି ରେଳପଥ ନିର୍ମାଣ କାର୍ଯ୍ୟ କରାଯାଉଛି। ଯାହାକୁ ନେଇ ଗତ ଦୁଇ ବର୍ଷ ହେଲା ବିବାଦ ଲାଗିରହିଛି। ଏହାକୁ ନେଇ ସମ୍ପୃକ୍ତ ଅଞ୍ଚଳର ଚାଷୀ ମାନେ ବହୁବାର ଆନ୍ଦୋଳନ ଚଳାଇଥିଲେ ମଧ୍ୟ ଚାଷୀଙ୍କୁ କୌଣସି ସୁଫଳ ନ ମିଳିବାରୁ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ମାନ୍ୟବର କୋର୍ଟ ମଧ୍ୟ ବିବାଦୀୟ ୫୪ ଏକର ଜମିରେ କୌଣସି ପ୍ରକାର ନିର୍ମାଣ କାର୍ଯ୍ୟ କରାଯାଇପାରିବ ନାହିଁ ବୋଲି ତାଙ୍କ ରାୟରେ ନିର୍ଦ୍ଦେଶ ଦେଇଛନ୍ତି। ଏହା ସତ୍ତ୍ୱେ ବେଆଇନ ଭାବେ ପୋଲିସ ପ୍ରଶାସନ ଲଗାଇ ସମ୍ପୃକ୍ତ ଚାଷ ଜମିରେ ରେଳପଥ କାମ କରାଯାଉଛି। ଏପରି କି ବିଭିନ୍ନ ପ୍ରକାର ଚାପ ସୃଷ୍ଟି କରାଯାଇ ଚାଷୀ ଆନ୍ଦୋଳନକୁ ଭଣ୍ଡୁର କରିବାକୁ ବାରମ୍ବାର ଚେଷ୍ଟା କରାଯାଉ ଥିବା କ୍ଷତିଗ୍ରସ୍ତ ଚାଷୀମାନେ ଅଭିଯୋଗ କରିଛନ୍ତି।



ଧାରଣାରେ ବସିଥିବା ମହିଳାଙ୍କୁ ପୋଲିସ ବୁଝାଶୁଝା କରୁଛି।

- ଚାଷୀ- ପୋଲିସ ମୁହାଁମୁହିଁ
- ୮ଚାଷୀଙ୍କୁ ଉଠାଇନେଲା ପୋଲିସ
- ଧାରଣାରେ ବସିଲେ ମହିଳା ଚାଷୀ
- ୫ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ

### ପ୍ରଧାନମନ୍ତ୍ରୀ ଆବାସ ନ ମିଳିବାରୁ ବରୀବ୍ଲକ ସମ୍ମୁଖରେ ଅନଶନ

**ବରୀ,୭ା୧(ସ୍ୱ.ପ୍ର.)**

ବରୀ ବ୍ଲକ ଅଧୀନ ଗୋଳକୁଣ୍ଡ ପଞ୍ଚାୟତର ହିତାଧିକାରୀଙ୍କୁ ପ୍ରଧାନମାନ୍ତ୍ରୀ ଆବାସ ଯୋଜନାରେ ଗୃହ ନ ମିଳିବାରୁ ମଙ୍ଗଳବାର ବରୀ ବ୍ଲକ ସମ୍ମୁଖରେ ପଞ୍ଚାୟତର କେତେକ ହିତାଧିକାରୀ ଅନଶନରେ ବସି ରହିଥିବା ଦେଖିବାକୁ ମିଳିଛି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଅନଶନ ଜାରି ରହିଥିବା ଜଣାପଡ଼ିଛି। ପ୍ରକାଶ ଯେ, ୨୦୧୯-୨୦ ଆର୍ଥିକ ବର୍ଷରେ ପ୍ରଶାନପକ୍ଷରୁ ତଦନ୍ତ କରାଯାଇ ହିତାଧିକାରୀ ଚୟନ କରାଯାଇଥିଲା। ଚୟନ କରାଯାଇଥିବା ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଯୋଜନାରେ ଗୃହ ମିଳିବ ବୋଲି ପ୍ରଶାସନ ପକ୍ଷରୁ ଏକା ତାଲିକା ପ୍ରକାଶ ପାଇଥିଲା। ପ୍ରକାଶ ପାଇଥିବା ତାଲିକା ଅନୁଯାୟୀ ଗୃହ ବଣ୍ଟନ କରାଯାଉ ନ ଥିବାରୁ ପ୍ରକୃତ ଚୟନ ହୋଇଥିବା ହିତାଧିକାରୀ ଗୃହ ପାଇବାରୁ ବଞ୍ଚିତ ହୋଇଛନ୍ତି। ଏହାର ପ୍ରତିବାଦରେ ଗ୍ରାମର ଅଜୟ କୁମାର ଜେନା, ନଟବର ସାହୁ, ବଟ ସାହାଣି, ବାବାଜୀ ବେହେରା, ମନସ୍ୱିନି ଜେନା, ବିଦ୍ୟାଧର ବେହେରା, ବଳରାମ ବେହେରା, କମଳାକାନ୍ତ ଜେନା, ଅଭିମନ୍ୟୁ ଜେନା, ଘନଶ୍ୟାମ ଜେନା, ଅଶୋକ ଜେନା, ଉପେନ୍ଦ୍ର କୁମାର ଜେନା, ପୂର୍ଣ୍ଣଚନ୍ଦ୍ର ଜେନା ପ୍ରମୁଖ ଅଶୋକ ଅଧିକାରୀଙ୍କ ନେତୃତ୍ୱରେ ଅନଶନରେ ବସି ରହିଛନ୍ତି। ଏସଂକ୍ରାନ୍ତରେ ବିଡିଓ ଶୁଭଶ୍ରୀ ତ୍ରିପାଠୀଙ୍କୁ ପଚାରିବାରୁ ଅନଶନକାରୀଙ୍କ ସହିତ ଆଲୋଚନା ଜାରି ରହିଛି।

## ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ




ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

**ବରୀ,୭ା୧(ସ୍ୱ.ପ୍ର.)**

ବରୀବ୍ଲକ ଅଧିନ ଅଟିରା ପଞ୍ଚାୟତସ୍ଥିତ ସନ୍ଥନମଠ ନିକଟରେ ଥିବା ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ ମଙ୍ଗବାର ଅନୁଷ୍ଠିତ ହୋଇଛି। ଶିକ୍ଷାକେନ୍ଦ୍ରର ସଭାପତି ପ୍ରମୋଦ କୁମାର ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ବରୀ ବିଧାୟିକା ସୁନନ୍ଦା ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ବିବେକାନନ୍ଦଙ୍କ ଜୀବନୀଶୀର୍ଷକ ବର୍ଣ୍ଣନା କରି କୋମଳମତି ଶିଶୁଙ୍କୁ ଗଢିବାରେ ଗୁରୁଜିଗୁରୁମା’ଙ୍କ ଯେତିକି ଭୂମିକା ରହିଛି, ତାଠାରୁ ୨ଗୁଣ ମା’ମାନଙ୍କ ଭୂମିକା ରହିଛି ବୋଲି ବିଧାୟିକା ଦାସ କହିଥିଲେ। ବାର୍ଷିକ କ୍ରୀଡା, ବିଜ୍ଞାନ, ଚିତ୍ରକଳାରେ କୃତିତ୍ୱ ଅର୍ଜନ କରିଥିବା କୃତୀ ଛାତ୍ରୀଛାତ୍ରଙ୍କୁ ବିଧାୟିକା ଦାସ ପୁରସ୍କୃତ କରିଥିଲେ। ଅଟିରା ସରପଞ୍ଚ ରୀନାରାଣି ଧଳ, ସମିତି ସଭ୍ୟା ଅନ୍ନପୂର୍ଣ୍ଣା ମହାନ୍ତି, ଶିକ୍ଷାକେନ୍ଦ୍ର ସଦସ୍ୟ ହେମନ୍ତ କୁମାର ମହାପାତ୍ର, ବ୍ରଜମୋହାନ ସାହୁ, କ୍ଷିରୋଦ ଦାସ, ଅରବିନ୍ଦ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଶିକ୍ଷା କେନ୍ଦ୍ର ସମସ୍ୟା ଉପରେ ବିଧାୟିକା ଦାସଙ୍କୁ ଅବଗତ କରାଇଥିଲେ। ପରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ମାର୍ଚ୍ଚ ସୁଦ୍ଧା ୧୧ହଜାର ଗୃହ ସମ୍ପୂର୍ଣ୍ଣ ନିର୍ଦ୍ଦେଶ

**ଯାଜପୁର ଟାଉନ, ୭ା୧ (ଡି.ଏନ୍.ଏ.)**

**ଆବାସ ଯୋଜନା ସମୀକ୍ଷା**

ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ ଗୃହରେ ଆବାସ ଯୋଜନା ସମୀକ୍ଷା ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ପଞ୍ଚାୟତିରାଜ ବିଭାଗ ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ରାଜେଶ ପ୍ରଭାକର ପାଟିଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆସନ୍ତା ମାର୍ଚ୍ଚ ସୁଦ୍ଧା ଜିଲାର ୧୧ହଜାର ଆବାସ ଗୃହ ପୂର୍ଣ୍ଣାଙ୍ଗ କରିବାକୁ ଗୁରୁତ୍ୱ ଦିଆଯାଇଥିଲା। ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀ ହିତାଧିକାରୀଙ୍କ ସହ ଯୋଗାଯୋଗ ରଖିବା, କ୍ଷେତ୍ର ପରିଦର୍ଶନ କରିବା, ଦୈନିକ ସମୀକ୍ଷା କରିବା ଓ ବିଡିଓମାନେ ପ୍ରତିଦିନ କ୍ଷେତ୍ର ପରିଦର୍ଶନ କରି ଅଗ୍ରଗତି ସମୀକ୍ଷା କରିବାକୁ ବୈଠକରେ ଆଲୋଚନା କରାଯାଇଥିଲା। ଏଥିସହ ସହକାରୀ ଯନ୍ତ୍ରୀ ଓ ଅନ୍ୟ ଯନ୍ତ୍ରୀମାନେ ଏହି ଯୋଜନାରେ ନିଜକୁ ସମ୍ପୂର୍ଣ୍ଣ ସାମିଲ କରି ମାର୍ଚ୍ଚ ସୁଦ୍ଧା କାର୍ଯ୍ୟ ଶେଷ କରାଇବାକୁ ବିଭାଗୀୟ ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ପାଟିଲ ପରାମର୍ଶ ଦେଇଥିଲେ। ଆବାସ ଯୋଜନାରେ ଗୃହ ନିର୍ମାଣ ତ୍ୱରାନ୍ୱିତ ପାଇଁ ସମସ୍ତ ଯନ୍ତ୍ରୀ ଓ କର୍ମଚାରୀଙ୍କର ମିଳିତ ଉଦ୍ୟମ ଗୁରୁତ୍ୱପୂର୍ଣ୍ଣ। ଯେଉଁ କର୍ମଚାରୀମାନେ ଏଥିରେ ଅବହେଳା କରିବେ, ସେମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ରଞ୍ଜନ କୁମାର ଦାସ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲାଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ ଏପିଡି ସୋହନା ବେଗମ ଓ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ସଂଯୋଜକ ଚିନ୍ମୟ ସିଂଙ୍କ ସମେତ ସମସ୍ତ ବ୍ଲକର ବିଡିଓ, ବିଭାଗୀୟ ଯନ୍ତ୍ରୀ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

## କଲରଙ୍ଗୀ ଶିଶୁ ବିଦ୍ୟାମନ୍ଦିରର ୨୧ତମ ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ

**କାଳିଆପାଣି,୭ା୧(ଡି.ଏନ୍.ଏ):** କଲରଙ୍ଗୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ କାଟେପୁର୍ତ୍ତି ଖେଳ ପଡ଼ିଆରେ ୨୧ତମ ବାର୍ଷିକ କ୍ରୀଡ଼ା ଉତ୍ସବ ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ୩ଦିନ ଧରି ଚାଲିବାକୁ ଥିବା ଏହି କ୍ରୀଡ଼ା ଉତ୍ସବରେ ବିଭିନ୍ନ ବିଭାଗର ଖେଳା ଯିବାକୁ ଥିବା ୬୪ଟି ଇଭେଣ୍ଟରେ ୩୦୦ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗ ନେବେ ବୋଲି ଜଣାପଡ଼ିଛି। ବାର୍ଷିକ କ୍ରୀଡ଼ା ଉତ୍ସବକୁ ଟାଟା ଖଣି ମୁଖ୍ୟ ରାଜେଶ ପଟେଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରୀଙ୍କ ଶାରୀରିକ ଓ ମାନସିକସ୍ତରରେ ଅଭିବୃଦ୍ଧି ଘଟିବା ପାଇଁ ଖେଳକୁଦ ନିତାନ୍ତ ଆବଶ୍ୟକ ବୋଲି କହିଥିଲେ। ବିଦ୍ୟାଳୟର କ୍ରୀଡ଼ା ପ୍ରମୁଖ ପ୍ରଭାଷ ବେଜଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କ୍ରୀଡ଼ା ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଅଭିରାମ ସେଠୀ ସମ୍ମାନିତ ଅତିଥିଭାବେ ଯୋଗ ଦେଇ କ୍ରୀଡ଼ା ଛାତ୍ରୀଛାତ୍ରଙ୍କ ପାଇଁ ଅପରିହାର୍ଯ୍ୟ ବୋଲି କହିଥିଲେ।

## ମେଲାଣି ନେଲେ ଲକ୍ଷ୍ମୀନାରାୟଣ

**ରସୁଲପୁର,୭ା୧(ଡି.ଏନ୍.ଏ.)**



ରସୁଲପୁର ବ୍ଲକ ଅଞ୍ଚଳର ପ୍ରସିଦ୍ଧ ୬୫ତମ କୁଆଖିଆ ଲକ୍ଷ୍ମୀନାରାୟଣ ଉତ୍ସବ ମଙ୍ଗଳବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଛି। ମା’ ଲକ୍ଷ୍ମୀନାରାୟଣଙ୍କ ଯୁଗଳମୂର୍ତ୍ତିକୁ ମେଲାଣି ଦେଇଛନ୍ତି କୁଆଖିଆ ଅଞ୍ଚଳବାସୀ। ଭସାଣ ଉତ୍ସବରେ ଲକ୍ଷ୍ମୀନାରାୟଣ ପୂଜା କମିଟି, କୁଆଖିଆ ମହୋତ୍ସବ କମିଟି, ସ୍ଥାନୀୟ ଅଞ୍ଚଳର ମୁରବୀ, ଜନସାଧାରଣଙ୍କ ଗହଣରେ ପ୍ରଭୁଙ୍କ ଭସାଣ ଶୋଭାଯାତ୍ରା ଅତ୍ୟନ୍ତ ଆକର୍ଷଣୀୟ ହୋଇଥିଲା। ଆତସବାଜି ସହ ବାଜାବାଣ, ଭଜନ ସଂକୀର୍ତ୍ତନ ତାଳେତାଳେ ଏକ ବିରାଟ ପଟୁଆରରେ ମେଡକୁ ୧୬ନଂ ଜାତୀୟ ରାଜପଥ ପାର୍ଶ୍ୱସ୍ଥ ଓରାଳି ପୋଖରୀରେ ବିସର୍ଜନ କରାଯାଇଛି। ଚଳିତବର୍ଷ ପ୍ରତିକୂଳ ପାଗ ଯୋଗୁ ମା’ଙ୍କ ପୂଜାଉତ୍ସବ ଅବଧିକୁ ବଢାଇ ଦିଆଯାଇଥିଲା। ଏଥର ପୂଜା ୨୧ଦିନ ବଦଳରେ ୨୩ଦିନ ପର୍ଯ୍ୟନ୍ତ ଚାଲିଥିଲା। ପୂଜାକାର୍ଯ୍ୟକୁ ଶାନ୍ତିଶୃଙ୍ଖଳାର ସହ ସମାପନ ଦିଗରେ ସ୍ଥାନୀୟ ଜନସାଧାରଣ, ବ୍ଲକ, ତହସିଲ, ପୋଲିସ, ଅଗ୍ନିଶମ ଆଦି ବିଭାଗ ପକ୍ଷରୁ ସହାୟତା ପ୍ରଦାନ କରାଯାଇଥିଲା। ଏହି ସମସ୍ତ ବିଭାଗର ଅଧିକାରୀ ଓ କର୍ମଚାରୀଙ୍କୁ ଉଭୟ କମିଟି ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି।

## ଯାତ୍ରୀବାହୀ ବସ୍ ଓଲଟି ୭ ଗୁରୁତର

**ବରୀ (ସ୍ୱ.ପ୍ର.)/ ରସୁଲପୁର (ଡିଏନ୍‌ଏ), ୭ା୧**



ଦୁର୍ଘଟଣାଗ୍ରସ୍ତ ବସ୍।

ବରୀ ନିର୍ବାଚନମଣ୍ଡଳୀ ଅଧିନ ଗୋଳକୁଣ୍ଡ ପଞ୍ଚାୟତ ମେଣ୍ଢ ନିକଟ ମଠସାହିରେ ଏକ ଯାତ୍ରୀବାହି ଘରୋଇ ବସ ମଙ୍ଗଳବାର ସକାଳେ ଦୁର୍ଘଟଣାଗ୍ରସ୍ତ ହୋଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଛଇ। ଫଳରେ ଏଥିରେ ଯାଉଥିବା ଯାତ୍ରୀଙ୍କ ମଧ୍ୟରୁ ୭ଜଣଙ୍କ ଅବସ୍ଥା ଗୁରୁତର ହୋଇଛି। ଆହତଙ୍କୁ ପ୍ରଥମେ ବ୍ରହ୍ମବରଦା ଓ ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରୁ ଗୁରୁତରଙ୍କୁ ଜିଲା ମୁଖ୍ୟଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ବରୀ ବ୍ଲକ ଖରି ପଡ଼ିଆ ଛକରୁ ମଙ୍ଗଳବାର ସକାଳେ ମା’ ମଙ୍ଗଳା ଯାତ୍ରୀବାହୀ ବସ୍ ଗୋଳକୁଣ୍ଡ ଦେଇ କଟକ ଅଭିମୁଖେ ଯାଉଥିଲାବେଳେ ବସ୍‌ଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡିଥିଲା। ଆହତମାନେ ହେଲେ ଗୋଳକୁଣ୍ଡ ଗ୍ରାମର ସନାତନ ଜେନା(୪୫), ପ୍ରଫୁଲ ଜେନା (୬୨), ବିଶ୍ୱ ଭୂଷଣ ଦାସ (ପୁରୀ) ସାଉଣ୍ଟି ପ୍ରଧାନ ( ନହଣ), ପ୍ରଦ୍ମିନୀ ଜେନା ( ହରିପୁର)। ଆହତ ପଦ୍ମିନୀଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି।

### ରାମବାଗ ଉଚ୍ଚ ବିଦ୍ୟାଳୟର ୭୫ବର୍ଷ ପୂର୍ତ୍ତି ସମାରୋହ

## ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନେଇ କାର୍ଯ୍ୟକଲେ ଭବିଷ୍ୟତ ଉଜ୍ଜ୍ୱଳ

**ଯାଜପୁର ଟାଉନ, ୭ା୧ (ଡି.ଏନ୍.ଏ.)**



ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଜଣେ ପୁରାତନ ଛାତ୍ରଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ଜଣେ ଛାତ୍ର ଜୀବନର ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନେଇ ଅଧ୍ୟୟନ କଲେ ସେ ନିଶ୍ଚିତ ସୁନାଗରିକ ହେବା ସହ ଦେଶର ଭବିଷ୍ୟତ ହୋଇପାରିବ ବୋଲି ରାମବାଗ ଉଚ୍ଚ ବିଦ୍ୟାଳୟର ୭୫ତମ ପୂର୍ତ୍ତି ସମାରୋହ ଉଦ୍‌ଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ଶିଳ୍ପମନ୍ତ୍ରୀ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ର ଯୋଗଦେଇ ମତବ୍ୟକ୍ତ କରିଛନ୍ତି। ପୁରାତନ ଛାତ୍ର ସଂସଦ ସଭାପତି ତଥା ହୃଦ୍‌ରୋଗ ବିଶେଷଜ୍ଞ ପ୍ରଫେସର ଡ. ସତ୍ୟନାରାୟଣ ରାଉତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ସମାରୋହରେ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଦଶରଥପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁଜାତା ସାହୁ, ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ଦେବତା, ପ୍ରାକ୍ତନ ଛାତ୍ର ସଂସଦ ସମ୍ପାଦକ ପ୍ରମୋଦ କୁମାର ନାୟକ, ପୂର୍ବତନ ଶିକ୍ଷକ ସୁଧାଂଶୁ ଶେଖର ପତି, ଉପଦେଷ୍ଟା ତଥା ପୂର୍ବତନ ଶିକ୍ଷକ ବିପିନ ବିହାରୀ ଯେନା ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟର ପୂର୍ବତନ ଶିକ୍ଷକ ଦେବକୁମାର ରାଉତରାୟ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରମୋଦ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପୁରାତନ ଛାତ୍ରୀଛାତ୍ରଙ୍କ ଦ୍ୱାରା ଅତିଥି, ପୂର୍ବତନ ଶିକ୍ଷକ ଓ କୃତୀ ଛାତ୍ରୀଛାତ୍ରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅମୃତା ମିଶ୍ର ଉଦ୍‌ଯାପନୀ ସମାରୋହ ସଞ୍ଚାଳନ କରିଥିଲେ। ଶେଷ ପର୍ଯ୍ୟାୟରେ ହାସ୍ୟ ଅଭିନେତା ନଟିଆଙ୍କ ଦ୍ୱାରା ମଞ୍ଚରେ କମେଡ଼ିପରିବେଷଣ କରାଯାଇଥିବା ବେଳେ ଓଡ଼ିଆ ଚଳଚ୍ଚିତ୍ର ନାୟିକା ଏଲିନା ସାମନ୍ତରାୟ ଏବଂ ଗାୟକ ସତ୍ୟଜିତ୍ ଜେନା ଅଭିନୟ ଓ ସଂଗୀତ ପରିବେଷଣ କରିଥିଲେ। ପୁରାତନ ଛାତ୍ର ପ୍ରତାପ ଜେନା, ଚନ୍ଦ୍ରନାରାୟଣ ସାହୁ, ଓମ୍‌ପ୍ରକାଶ ପରିଡ଼ା, ବିଜୟ ରାଉତ, ଅମୀୟ ଜେନା, ନୀହାର ରଞ୍ଜନ ରାଉତରାୟ, ଅରୁଣ ରାଉତରାୟ, ନିରାକାର ସାହୁ, ଅକ୍ଷୟ ପଣ୍ଡା, ଅକ୍ଷୟ ପରିଡ଼ା, ଶ୍ରୀନିବାସ ଜେନା, ଦିନବନ୍ଧୁ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**ସଂକ୍ଷେପରେ**

## ମଧଖଣ୍ଡ ଫାଣ୍ଡି ଏଏସ୍‌ଆଇ ନିଲମ୍ବିତ

**ନୟାଗଡ଼ ଅଫିସ, ୭।୧-** ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ମଧଖଣ୍ଡ ଫାଣ୍ଡି ଏଏସ୍‌ଆଇ ରମେଶ କୁମାର ସାହୁ ନିଲମ୍ବିତ ହୋଇଛନ୍ତି। କାର୍ଯ୍ୟରେ ଅବହେଳା ଓ ଦୁର୍ନୀତି ଅଭିଯୋଗରେ ତାଙ୍କୁ ନିଲମ୍ବନ କରାଯାଇଥିବା ଏସ୍‌ପି ଶଶିଭୂଷଣ ଶତପଥୀ ସୂଚନା ଦେଇଛନ୍ତି। ରାଜ୍ୟ ସରକାରଙ୍କ ୫ଟି ଓ ମୋ ସରକାରରେ ଏ ନେଇ ଅଭିଯୋଗ ହେବା ପରେ ତାଙ୍କୁ ନିଲମ୍ବନ କରାଯାଇଥିବା ଜଣାପଡ଼ିଛି।

## ଓଡ଼ିଶା ସିଭିଲ୍ ସର୍ଭିସ ପରୀକ୍ଷାରେ ଭାପୁରର ଝିଅ ପୁଅ



**ଭାପୁର, ୭।୧ (ଡି.ଏନ୍.ଏ.)-** ଓଡ଼ିଶା ସିଭିଲ୍ ସର୍ଭିସ ପରୀକ୍ଷା ଫଳ ପ୍ରକାଶିତ ହୋଇଛି। ଏହି ପରୀକ୍ଷାରେ ଭାପୁର ବ୍ଲକର ୨ଜଣ କୃତୀ ଯୁବତୀ ଯୁବକ ସଫଳତା ଲାଭ କରି ବ୍ଲକ ପାଇଁ ଗର୍ବ ଆଣିଛନ୍ତି। ଭାପୁର ବ୍ଲକ ଶାଳପଡ଼ା ପଞ୍ଚାୟତ ବାରବାଟୀ ଗ୍ରାମର ଭଗବାନ ଷଡ଼ଙ୍ଗୀ ଓ ମିନତୀ ମିଶ୍ରଙ୍କ ଏକମାତ୍ର ପୁଅ ସତ୍ୟାନନ୍ଦ ଷଡ଼ଙ୍ଗୀ ଏହି ପରୀକ୍ଷାରେ ୪୫ ନମ୍ବର ସ୍ଥାନରେ ରହିଛନ୍ତି। ସତ୍ୟାନନ୍ଦ ଭୁବନେଶ୍ୱରର ଡିଏଭି ସ୍କୁଲରେ ବିଦ୍ୟାଳୟ ଓ ବିଜେବି ଜୁନିୟର କଲେଜରେ +୨ ବିଜ୍ଞାନ ଅଧ୍ୟୟନ ପରେ ଇଲେକ୍ଟ୍ରିକାଲ ଇଞ୍ଜିନିୟର ପାଠ ପଢ଼ି ଉତ୍ତୀର୍ଣ୍ଣ ହୋଇଥିଲେ। ୨୦୧୮ରେ ପ୍ରଥମ ଚେଷ୍ଟାରେ ଓଏଏସ୍ ପାଇଛନ୍ତି। ସେହିଭଳି ଏହି ବ୍ଲକର ବଡ଼ସହରା ପଞ୍ଚାୟତ ବାଲିଆପଟା ଗ୍ରାମର ସ୍ୱର୍ଗତ ନୀଳମଣି ନାୟକ ଓ ନଳିନୀପ୍ରଭା ଦେଈଙ୍କ ଝିଅ ନିବେଦିତା ନାୟକ ଏହି ପରୀକ୍ଷାରେ ୧୨୪ ନମ୍ବର ସ୍ଥାନରେ ରହି କୃତକାର୍ଯ୍ୟ ହୋଇଛନ୍ତି। ସେ ବୁର୍ଲାରୁ ବିଟେକ୍ ପରେ ହାଇଦ୍ରାବାଦରୁ ଏମ୍‌ଟେକ୍ ପାସ କରିଥିଲେ। ସେ ଓପିଏସ୍‌ସି ପରୀକ୍ଷା ଦେଇ କୃତକାର୍ଯ୍ୟ ହୋଇଛନ୍ତି। ଏହି ଦୁଇଜଣଙ୍କ କୃତିତ୍ୱ ପାଇଁ ଅଞ୍ଚଳରେ ଆନନ୍ଦ ପ୍ରକାଶ ପାଇଛି।



# ଆବାସ ଗୃହ ବଣ୍ଟନରେ ଅନିୟମିତତା ଅଭିଯୋଗ

**ନୂଆଗାଁ, ୭।୧ (ଡି.ଏନ.ଏ.)**

ନୟାଗଡ ଜିଲା ନୂଆଗାଁ ବ୍ଲକ ବେରୁହାଁବାରି ପଞ୍ଚାୟତରେ ଆବାସ ଗୃହ ବଣ୍ଟନରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ବେରୁହାଁବାରୀ ପଞ୍ଚାୟତବାସୀ ଜିଲାପାଳଙ୍କୁ ଅବଗତ କରାଇଛନ୍ତି । ଗରିବ ଲୋକମାନଙ୍କୁ ରହିବା ପାଇଁ ସରକାର ପକ୍କାଘର ଖଣ୍ଡିଏ ଯୋଗାଇ ଦେବାର ପ୍ରୟାସ କରିଥିବା ବେଳେ କିଛି ଅସାଧୁ ସରକାରୀ କର୍ମଚାରୀ ଓ କିଛି ନେତା ଲୋକମାନଙ୍କ ଭାଗ୍ୟବିଧାତା ସାଜିଛନ୍ତି । ସେମାନେ ଯାହାକୁ ଚାହିଁବେ ସେମାନଙ୍କୁ ସରକାରଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ଯୋଗାଇ ଦେବାର ପ୍ରତିଶ୍ରୁତି ଦେବା ସହ ଏଥିପାଇଁ ମୋଟା ଅଙ୍କର ଅର୍ଥ ନେଉଛନ୍ତି । ଏହିପରି ନୂଆଗାଁ ବ୍ଲକର ବିଭିନ୍ନ ପଞ୍ଚାୟତରେ ହେଉଥିବା ନେଇ ବାରମ୍ବାର ଅଭିଯୋଗ ହୋଇ ଆସୁଥିଲେ ମଧ୍ୟ ତାହାର କୌଣସି ପ୍ରକୃତ ତଦନ୍ତ କରାଯାଉ ନ ଥିବା ଅଭିଯୋଗ ହେଉଛି । ଏ ସମ୍ପର୍କରେ ବେରୁହାଁବାରୀ ପଞ୍ଚାୟତର କିଛି ଲୋକ ନୟାଗଡ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି।

ସେମାନଙ୍କ ଅଭିଯୋଗ ମୁତାବକ, ଉକ୍ତ ପଞ୍ଚାୟତରେ ଗରିବ ଏବଂ ଆବାସ ଯୋଜନାରେ ଗୃହ ପାଇବା ଲାଗି ଯୋଗ୍ୟ ହିତାଧିକାରୀଙ୍କୁ ଅଣଦେଖା କରାଯାଇ ଦୁଇ ମହଲା ଏବଂ ଚାରିମହଲା କୋଠା ଥିବା ଧନିକ ଶ୍ରେଣୀର ଲୋକମାନଙ୍କୁ ଆବାସ ଯୋଜନାରେ ସାମିଲ କରାଯାଇଛି । ଭୂମିହୀନ ଲୋକମାନେ ମିଥ୍ୟା ଜମିପଟ୍ଟା ଦେଖାଇ ଘର ପାଇଲେଣି ତ ଆଉ କେଉଁଠି ଇନ୍ଦିରା ଆବାସ ଯୋଜନାରେ ଘର ପାଇଥିବା ଲୋକ ପୁନର୍ବାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ ହେଲେଣି । ଏପରି କି ୨୦୧୮-୧୯ ମସିହାରେ ଆବାସ ଯୋଜନାରେ ସାମିଲ ପାଇଁ ଅଯୋଗ୍ୟ ଘୋଷିତ ହୋଇଥିବା ଲୋକମାନଙ୍କୁ ଚଳିତ ବର୍ଷ ସାମିଲ କରାଯାଇଛି । କିଛି ଆବାସ ଦଲାଲଙ୍କୁ ହାତେଇ ଧନିକ ଶ୍ରେଣୀର ଲୋକମାନେ ଫାଇଦା ଉଠାଉଥିବା ବେଳେ ଗରିବ ଲୋକମାନେ ଘରଟିଏ ନ ପାଇ ଶୀତକାକରରେ ପଡି ରହୁଛନ୍ତି । ଘର ନ ଥିବାରୁ ଭଡା ନେଇ ରହୁଥିବା ଲୋକମାନଙ୍କୁ ମଧ୍ୟ ବାଦ୍ ଦିଆଯାଉଛି । ଏ ନେଇ ନୂଆଗାଁ ବିଡିଓଙ୍କୁ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ଜିଲାପାଳଙ୍କୁ ଅଭିଯୋଗ କରିବା ସହ ଆବାସ ଦୁର୍ନୀତିର ଅନେକ ତଥ୍ୟ ଓ ଆବାସ ଗୃହ ହାତେଇଥିବା ଅଯୋଗ୍ୟ ହିତାଧିକାରୀଙ୍କ ତଥ୍ୟ ଦେଇଛନ୍ତି।

ଅଭିଯୋଗ ବିଷୟରେ ନୂଆଗାଁ ବିଡିଓ ଶିରିୟାଲ ଶୁଭ୍ର ପଟେଲଙ୍କୁ ପଚାରିବାରେ କିଛି ଲୋକ ଜିଲାପାଳଙ୍କୁ ଅଭିଯୋଗ କରିଛନ୍ତି। ଜିଲାପାଳ ନିର୍ଦ୍ଦେଶ ଦେଲେ ତଦନ୍ତ କରାଯିବା ସହ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ ।

## ଜେଏନୟୁରେ ଆକ୍ରମଣ ଘଟଣାକୁ ବିଜୁ ଛାତ୍ର ଜନତା ଦଳର ନିନ୍ଦା




ମହାବିଦ୍ୟାଳୟ ଆଗରେ ଛାତ୍ରମାନେ ନାରାବାଜି ଦେଉଛନ୍ତି।

**ନୟାଗଡ଼ ଅଫିସ, ୭।୧**

ରବିବାର ସନ୍ଧ୍ୟାରେ ନୂଆଦିଲ୍ଲୀସ୍ଥିତ ଜବାହାରଲାଲ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନୟୁ)ରେ ପଶି କେତେକ ଅଣଛାତ୍ର ଛାତ୍ରୀଛାତ୍ର ଓ ଅଧ୍ୟାପକଙ୍କୁ ମାଡ଼ ମାରିବା ଘଟଣା ସମଗ୍ର ଦେଶରେ ଚର୍ଚ୍ଚାର ବିଷୟ ପାଲଟିଛି। ନୟାଗଡ଼ରେ ବିଜୁ ଛାତ୍ର ଜନତା ଦଳ (ବିସିଜେଡି) ପକ୍ଷରୁ ଏହି ଘଟଣାକୁ ନିନ୍ଦା କରାଯାଇଛି। ବିଜୁ ଛାତ୍ର ଜନତା ଦଳର ନୟାଗଡ଼ ଜିଲା ସଭାପତି ନୀଳମାଧବ ପଣ୍ଡାଙ୍କ ନେତୃତ୍ୱରେ ସୋମବାର ସନ୍ଧ୍ୟାରେ ସ୍ୱୟଂଶାସିତ ମହାବିଦ୍ୟାଳୟ ଆଗରେ ଏକାଧିକ ଛାତ୍ରୀଛାତ୍ର ଘଟଣାକୁ ନିନ୍ଦା କରି ପ୍ରତିବାଦ କରିଥିଲେ। ଛାତ୍ରୀଛାତ୍ର, ଅଧ୍ୟାପକମାନଙ୍କ ଉପରେ ହୋଇଥିବା ଆକ୍ରମଣ ଘଟଣାକୁ ଛାତ୍ରମାନେ ନିନ୍ଦା କରିଥିଲେ। ଆକ୍ରମଣକାରୀଙ୍କୁ ତୁରନ୍ତ ଗିରଫ କରିବା ଦାବିରେ ନାରାବାଜି ଦେଇଥିଲେ। ଜିଲା ଉପସଭାପତି ଆଦିତ୍ୟ ନାରାୟଣ ସାହୁଙ୍କ ସମେତ ଏକାଧିକ ଛାତ୍ରୀଛାତ୍ର ଏଥିରେ ସାମିଲ ହୋଇଥିଲେ।

### ନୂଆଗାଁ ଡିଗ୍ରୀ କଲେଜ ରାଜନୀତି ବିଜ୍ଞାନ ବିଭାଗ ସେମିନାର

## ନାରୀର ଉନ୍ନତିରେ ଦେଶର ଉନ୍ନତି

**ନୂଆଗାଁ, ୭।୧ (ଡି.ଏନ.ଏ.)**

ନୟାଗଡ ଜିଲା ନୂଆଗାଁ ବ୍ଲକ ନୂଆଗାଁ ଯୁକ୍ତ ୩ ଡିଗ୍ରୀ କଲେଜ ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ମଙ୍ଗଳବାର ସେମିନାର ଅନୁଷ୍ଠିତ ହୋଇଯାଇଛି । ଏହି ସେମିନାରରେ ନାରୀବାଦ ବିଷୟରେ ଆଲୋଚନା କରାଯାଇଥିଲା। ଉପସ୍ଥିତ ଅତିଥି, ଅଧ୍ୟାପକ ଓ ଛାତ୍ରୀଛାତ୍ରମାନେ ଦେଶରେ ନାରୀର ଗୁରୁତ୍ୱକୁ ନେଇ ମତବ୍ୟକ୍ତ କରିଥିଲେ । ବର୍ତ୍ତମାନ ପରିସ୍ଥିତିରେ ନାରୀମାନଙ୍କର ଉନ୍ନତି ପକ୍ଷେ ବିଭିନ୍ନ ଯୋଜନା, କାର୍ଯ୍ୟକ୍ରମ ଆଦି କରିବା ଏକାନ୍ତ ଆବଶ୍ୟକ । ନାରୀର ଉନ୍ନତି ହୋଇ ପାରିଲେ ପରିବାରର ଉନ୍ନତି ହେବ, ପରିବାରର ଉନ୍ନତି ହୋଇପାରିଲେ ଗାଁର ଉନ୍ନତି ଏବଂ ଗାଁର ଉନ୍ନତି ହେବା ଦ୍ୱାରା ଦେଶର ଉନ୍ନତି ଘଟିବ ବୋଲି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା କହିଥିଲେ । ଏହି ଅବସରରେ ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ରୀଛାତ୍ରମାନଙ୍କୁ କଲେଜ ତରଫରୁ ସ୍ୱାଗତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ନୂଆଗାଁ ମହାବିଦ୍ୟାଳୟ ଅଧ୍ୟକ୍ଷ ଭିକାରୀ ଚରଣ ସ୍ୱାଇଁ, ପଣ୍ଡିତ ମନୋଜ କୁମାର ମିଶ୍ର , ଦଶପଲ୍ଲା ବିଏସ କଲେଜ ଅଧ୍ୟାପକ ଡ. ସନ୍ତୋଷ କୁମାର ମିଶ୍ର , ଗୋପବନ୍ଧୁ ଖଣ୍ଡୁଆଳ, ରମେଶ ଚନ୍ଦ୍ର ପ୍ରଧାନ , ରାଜ କିଶୋର ବେହେରା, ମୁରଲୀଧର ନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ ।

## ସାଧାରଣତନ୍ତ୍ର ଦିବସ ପାଳନ ନେଇ ପ୍ରସ୍ତୁତି ବୈଠକ

**ଖଣ୍ଡପଡା, ୭।୧ (ସ୍ୱ.ପ୍ର)**

ଖଣ୍ଡପଡା ତହସିଲସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ଅପରାହ୍ନରେ ସ୍ଥାନୀୟ ତହସିଲ କାର୍ଯ୍ୟାଳୟ ପରିସରରେ ତହସିଲଦାର ପାର୍ଥ ସାରଥୀ ହାସଁଦାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ବୈଠକରେ ଅତିରିକ୍ତ ତହସିଲଦାର ସଂଜୟ କୁମାର ସାମନ୍ତରାୟ, ଫେଡକୋ ସହକାରୀ ଯନ୍ତ୍ରୀ ସୁଧାଂଶୁ ଶେଖର ସାହାଣୀ, ସରକାରୀ ଓକିଲ ହରିଶ୍ଚନ୍ଦ୍ର ପ୍ରଧାନ, ଆଇନଜୀବି ବିକ୍ରମ କେଶରୀ ଦେଓ, ଶାନ୍ତି ଶେଖର ରଥ, ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିଶୋର ମୋହନ ପ୍ରଧାନ, ବିଶ୍ୱନାଥ ମିଶ୍ର, ବରିଷ୍ଠ ଆଇନଜୀବୀ ଗିରିଜା ଶଙ୍କର ତରାସିଆ, ଯୁବ ସଂଗଠକ ଚିତ୍ତରଞ୍ଜନ ମିଶ୍ରଙ୍କ ସମେତ ବହୁ ବୁଦ୍ଧିଜୀବୀ ଯୋଗଦେଇ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ । ଏ ଅବସରରେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗୀତା କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା । ସ୍ଥାନୀୟ ମଧୁବନ ମିନି ଷ୍ଟାଡିୟମ ପରିସରରେ ତହସିଲସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପରିପ୍ରେକ୍ଷୀରେ ଷ୍ଟାଡିୟମ ପରିସରକୁ ପରିଷ୍କାର ପରିଚ୍ଛନ୍ନ କରିବା ନିମନ୍ତେ ଖଣ୍ଡପଡା ଏନଏସି କାର୍ଯ୍ୟାଳୟ ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା ।

## ସ୍ୱଚ୍ଛ ବିଦ୍ୟାଳୟରେ ମୋ ସ୍କୁଲ ଅଧ୍ୟକ୍ଷା



ମୋ ସ୍କୁଲ ଅଧ୍ୟକ୍ଷା ବାଗଚୀ ପିଲାମାନଙ୍କୁ ପଚାରି ବୁଝୁଛନ୍ତି।

**ନୂଆଗାଁ, ୭।୧ (ଡି.ଏନ.ଏ.)**

ନୟାଗଡ ଜିଲା ନୂଆଗାଁ ବ୍ଲକ ଚାହାଳି ଜନଶକ୍ତି ନୋଡାଲ ଉଚ୍ଚ ବିଦ୍ୟାଳୟକୁ ସୋମବାର ମୋ ସ୍କୁଲ ଅଧକ୍ଷା ସୁସ୍ମିତା ବାଗଚୀ ପରିଦର୍ଶନ କରିଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା ସ୍ୱଚ୍ଛ ବିଦ୍ୟାଳୟ ଭାବେ ପୁରସ୍କୃତ ହୋଇଥିବା ଜନଶକ୍ତି ନୋଡାଲ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିବା ସହ ଶ୍ରେଣୀ ଗୃହରେ ଛାତ୍ରୀଛାତ୍ରମାନେ ପରିବେଶକୁ ସ୍ୱଚ୍ଛତା ରଖିବା, ପଲିଥିନ ବ୍ୟବହାରକୁ ନା କରିବା ପାଇଁ ନେଇଥିବା ସଂକଳ୍ପ ବିଷୟରେ ପଚାରି ବୁଝିଥିଲେ। ଶ୍ରେଣୀ ଗୃହରେ ବାଗଚୀ ଛାତ୍ରୀଛାତ୍ରମାନଙ୍କ ସହ କିଛି ସମୟ ବିତାଇ ଥିଲେ । ମୋ ସ୍କୁଲ ଆନୁକୂଲ୍ୟରେ ବିଜ୍ଞାନାଗାର, ଡିଜିଟାଲ କ୍ଲାସ ରୁମ୍, ପାନୀୟ ଜଳ ବ୍ୟବସ୍ଥା, ସ୍ୱୟଂ ସହାୟକ ପାଠାଗାର ଆଦିକୁ ବୁଲି ଦେଖିଥିଲେ। ଗ୍ରାମାଞ୍ଚଳର ଏଭଳି ଏକ ଶିକ୍ଷାନୁଷ୍ଠାନରେ ପୁରାତନ ଛାତ୍ରୀଛାତ୍ରମାନଙ୍କ ଶିକ୍ଷାଦାନ, ଶିକ୍ଷା ଭିତ୍ତିଭୂମି ପ୍ରତିଷ୍ଠା ଏବଂ ଶିକ୍ଷକମାନଙ୍କ ସକାରାତ୍ମକ ମନୋବୃତ୍ତିକୁ ପ୍ରଶଂସା କରିବା ସହ ନୟାଗଡ ଜିଲାପାଳ ପୋମା ଟୁଡୁ ଉଚ୍ଚ ବିଦ୍ୟାଳୟର ଶ୍ରେଣୀ ଗୃହ ଓ ମଧ୍ୟାହ୍ନ ଭୋଜନାଳୟ ନିର୍ମାଣ ପାଇଁ ନେଇଥିବା ପଦକ୍ଷେପକୁ ପ୍ରଶଂସା କରିଥିଲେ । ଏହି ଅବସରରେ ସହକାରୀ ଶିକ୍ଷାଧିକାରୀ, ପ୍ରଧାନ ଶିକ୍ଷକ ତ୍ରିନାଥ ମହାପାତ୍ରଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ପୁରାତନ ଛାତ୍ର ସଂସଦର ସଭାପତି ବଂଶୀଧର ସାହୁ, ଗୁଣନିଧି ଶତପଥୀ , ଦିଲୀପ କୁମାର ମିଶ୍ର ଉପସ୍ଥିତ ରହି ବାଗ୍‌ଚୀଙ୍କୁ ସ୍ୱାଗତ ଜଣାଇଥିଲେ ।

### ପଞ୍ଚାୟତସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ

## ଗୋଡ଼ିପଡ଼ା ଦଳ ବିଜୟୀ



ଅତିଥିମାନଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ।

**ନୟାଗଡ଼ ଅଫିସ, ୭।୧**

ମା ବାଉତୀ ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ପଞ୍ଚରିଡ଼ା ମାନପୁର ଲୋକନାଥ ନୋଡ଼ାଲ ବିଦ୍ୟାପୀଠଠାରେ ୨୪ତମ ପଞ୍ଚାୟତସ୍ତରୀୟ କିକ୍ରେଟ ଟୁର୍ନାମେଣ୍ଟ ଚାଲୁରହିଛି। ମଙ୍ଗଳବାର ତୃତୀୟ ଦିବସରେ ବଡ଼ଗୋରଡ଼ା ଓ ଗୋଡ଼ିପଡ଼ା ଦଳ ମଧ୍ୟରେ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। ବଡ଼ଗୋରଡ଼ା ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୯ ୱିକେଟ ହରାଇ ୭୭ ରନ ସଂଗ୍ରହ କରିଥିଲା। ଏହାର ଜବାବରେ ଗୋଡ଼ିପଡ଼ା ଦଳ ୧୧ ଓଭରରେ ୬ଟି ୱିକେଟ ହରାଇ ୮୧ ରନ ହାସଲ କରିଥିଲା। ଫଳରେ ୪ ରନରେ ଗୋଡ଼ିପଡ଼ା ଦଳ ବିଜୟୀ ହୋଇଛି। ଗୋଡ଼ିପଡ଼ା ଦଳର ସୁଶାନ୍ତ ବେହେରା ୩୭ ବଲରେ ୨୨ ରନ କରି ଶ୍ରେଷ୍ଠ ଖେଳାଳୀ ଭାବେ ପୁରସ୍କୃତ ହୋଇଥିଲେ । ପୂର୍ବତନ କ୍ରୀଡ଼ା ଶିକ୍ଷକ ଦୁର୍ଯ୍ୟୋଧନ ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ। ସଞ୍ଜୟ ପ୍ରଧାନ ଓ ଆଲୋକ ପ୍ରଧାନ ଖେଳ ପରିଚାଳନା କରିଥିଲେ। ବୁଧବାର ଡିମିଶର ଓ ପଞ୍ଚରିଡ଼ା ମାନପୁର ମଧ୍ୟରେ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ।

## ଇଟାମାଟି ସରସ୍ୱତୀ ଶିଶୁବିଦ୍ୟାମନ୍ଦିରର ରୌପ୍ୟଜୟନ୍ତୀ



ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

**ନୟାଗଡ଼ ଅଫିସ, ୭।୧**

ନୟାଗଡ଼ ବ୍ଲକ ଇଟାମାଟିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ରୌପ୍ୟ ଜୟନ୍ତୀ ଉତ୍ସବ ୨ ଦିନ ଧରି ଅନୁଷ୍ଠିତ ହୋଇଥିଲା। ଶନିବାର ପରିଚାଳନା ସମିତିର ସଭାପତି ଦୁର୍ଯ୍ୟୋଧନ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନ ଉତ୍ସବରେ ନୟାଗଡ଼ ବିଧାୟକ ତଥା କୃଷି ଓ ଉଚ୍ଚ ଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ବିଦ୍ୟାମନ୍ଦିର ଏକ ଆଦର୍ଶ ମଣିଷ ଗଠନ କରିବାର କାରଖାନା ବୋଲି ପ୍ରକାଶ କରିଥିଲେ। ଖୋର୍ଦ୍ଧା ଶିକ୍ଷା ବିକାଶ ସମିତିର ବିଭାଗ ପ୍ରମୁଖ କୁଳମଣି ମିଶ୍ର ମୁଖ୍ୟବକ୍ତା, ରୌପ୍ୟ ଜୟନ୍ତୀ ଉପଦେଷ୍ଟା ଅଶୋକ କୁମାର ନାୟକ, ଇଟାମାଟି ସରପଞ୍ଚ ସୋନାଲିକା ମନ୍ଥନ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ପକ୍ଷରୁ ଏକ ସ୍ମରଣିକା ପ୍ରୟାଗକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ରବିବାର ଉଦ୍‌ଯାପନୀ ଦିବସରେ ନୟାଗଡ଼ ଡିଏଫଓ ଧନରାଜ ଏଚଡ଼ି ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବା ବେଳେ ଶିକ୍ଷା ବିକାଶ ସମିତିର କୋଷାଧ୍ୟକ୍ଷ ସତ୍ୟନାରାୟଣ ପଟ୍ଟନାୟକ ମୁଖ୍ୟବକ୍ତା, ସମ୍ଭାଗ ସଦସ୍ୟ ଚନ୍ଦ୍ରଭାନୁ ବରାଡ଼, ବଂଶୀଧର ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ହରପ୍ରସାଦ ରଣସିଂହ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ପରିଚାଳନା ସମିତି ସମ୍ପାଦକ ଦେବକୀ ନନ୍ଦନ ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗୀତାରେ କୃତି ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାମନ୍ଦିରର ଛାତ୍ରୀଛାତ୍ରମାନଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଗଡ଼ ହଳଦିଆରେ ମହିଳା ସମାବେଶ

**ଖୋର୍ଦ୍ଧା ଅଫିସ, ୭।୧**

୩ ଦିନ ତଳେ ଲୋକାର୍ପିତ ହୋଇଥିବା ଅଜିତା ମହିଳା ସଙ୍ଗଠନର ପ୍ରଥମ ମହା ସମାବେଶ ଖୋର୍ଦ୍ଧା ଜିଲା ଜଟଣୀ ନିର୍ବାଚନମଣ୍ଡଳୀ ଗଡହଳଦିଆ ଯାତ୍ରା ପଡିଆରେ ସୋମବାର ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡଙ୍ଗୀ ଯୋଗଦେଇ ମହିଳାମାନଙ୍କୁ ଉତ୍‌ପ୍ରେରକର ଭୂମିକା ନେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବହୁଦିନର ଦାବି ହଳଦିଆ ମହାବିଦ୍ୟାଳୟରେ ସୌର ଚାଳିତ ପାନୀୟଜଳ ପ୍ରକଳ୍ପକୁ ଏମ୍‌ପି ଉଦ୍‌ଘାଟନ କରିଥିଲେ। ଅପରାହ୍ନରେ ଖୋର୍ଦ୍ଧାରେ ଆଦିବାସୀ ସଙ୍ଗଠନର ବରିଷ୍ଠ କର୍ମକର୍ତ୍ତାମାନଙ୍କ ସହ ଆଲୋଚନା କରିଥିଲେ। ଆଦିବାସୀମାନଙ୍କର ଜାତିଗତ ପ୍ରମାଣପତ୍ର, ଜମିପଟ୍ଟା ସମ୍ପର୍କିତ ବହୁଦିନର ଦାବିକୁ ଭାରତ ସରକାରଙ୍କ ସହ ଆଲୋଚନା କରି ସମାଧାନ କରାଇବାକୁ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସଭାପତି ରଶ୍ମୀ ରଞ୍ଜନ ମହାପାତ୍ର, ବରିଷ୍ଠ ନେତା ବିଶ୍ୱ ରଞ୍ଜନ ବଡଜେନା, ରାଜ୍ୟ ମୁଖପାତ୍ର ସୁଦୀପ୍ତ ରାୟ, ଏମ୍‌ପିଙ୍କର ବେଗୁନିଆ ପ୍ରତିନିଧି ପ୍ରକାଶ ରଣବିଜୁଳି, ଭାଜପା ନେତା ସୁବାସ ଗନ୍ତାୟତ, ଅଜିତାର ସଭାନେତ୍ରୀ ମୌସୁମୀ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।

## ଆଜିଠାରୁ ଫୁଟବଲ ଟୁର୍ନାମେଣ୍ଟ ଆରମ୍ଭ

**ଦଶପଲ୍ଲା, ୭।୧ (ଡି.ଏନ୍.ଏ.)**

ଦଶପଲ୍ଲା ଗାନ୍ଧୀ ମଇଦାନଠାରେ ସ୍ୱୋଟିଭ୍ ସ୍ପୋର୍ଟସ୍ ସୋସାଇଟି ଆନୁକୂଲ୍ୟରେ ଦଶପଲ୍ଲା କପ୍ ଫୁଟ୍‌ବଲ ବୁଧବାର ଠାରୁ ଆରମ୍ଭ ହେବାକୁ ଯାଉଛି। ପ୍ରଥମ ଦିବସରେ ଏକ ପ୍ରଦର୍ଶନୀ ଫୁଟବଲ ଟୁର୍ନାମେଣ୍ଟ ଆୟୋଜିତ ହୋଇଛି। ଏଥିରେ ଏମ୍‌ଏଲ୍ ଏକାଦଶ ଏବଂ ବିଡ଼ିଓ ଏକାଦଶ ମଧ୍ୟରେ ଅନୁଷ୍ଠିତ ହେବ। ୯ ତାରିଖରେ ଦଶପଲ୍ଲା ଏବଂ କଟକ ମଧ୍ୟରେ ଖେଳ ହେବ ବୋଲି ଅନୁଷ୍ଠାନର ସମ୍ପାଦକ ଭବାନୀ ପ୍ରସାଦ ମିଶ୍ରଙ୍କ ଠାରୁ ଜଣାଯାଇଛି। ସେହିପରି ୯ ତାରିଖରୁ ବାର୍ଷିକ ତାସ୍ ପ୍ରତିଯୋଗିତା ସ୍ଥାନୀୟ ଲକ୍ଷ୍ମୀବଜାରଠାରେ ଅନୁଷ୍ଠିତ ହେବ ବୋଲି ଜଣାଯାଇଛି।

## ଗୋଳାପୋଖରୀ ଫୁଟବଲ: କେରଙ୍ଗ ସେମିରେ

**ଭାପୁର, ୭।୧ (ଡି.ଏନ୍.ଏ.)**

ଭାପୁର ବ୍ଲକ ଗୋଳାପୋଖରୀ ଆଞ୍ଚଳିକ ସ୍ପୋର୍ଟସ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ୧୫ତମ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟରେ ମଙ୍ଗଳବାର ଖେଳରେ ଅହମ୍ମଦିଆ ଆଥଲେଟିକ୍ ଆସୋସିଏଶନ କେରଙ୍ଗ ୨.୦ ଗୋଲରେ ଉତ୍କଳ ସ୍ପୋର୍ଟିଂ ଜଟଣୀକୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି। ଖେଳର ପ୍ରଥମାର୍ଦ୍ଧର ୯ ମିନିଟ୍‌ରେ କେରଙ୍ଗ ଦଳର ଅଧିନାୟକ ୯ ନମ୍ବର ଖେଳାଳି ଶେଖ ପାରହାନ ଫିଲ୍ଡ ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ। ଦ୍ୱିତୀୟାର୍ଦ୍ଧ ଖେଳରେ ଜଟଣୀ ଦଳ ଗୋଲ ସୁଝାଇବା ପାଇଁ ଆପ୍ରାଣ ଉଦ୍ୟମ କରିଥିଲେ ହେଁ ସଫଳ ହୋଇପାରିନଥିଲେ। ସେହି କେରଙ୍ଗ ଦଳର ୨ୟାର୍ଦ୍ଧର ୩୦ ମିନିଟ୍‌ରେ ଏସ୍.କେ. ରଫିକ୍ ଗୋଲ୍ ଦେଇ ଦଳକୁ ୨-୦ ଗୋଲରେ ବିଜୟୀ କରାଇଥିଲେ। ଖେଳ ପରିଚାଳନା କରିଥିଲେ ରବିନାରାୟଣ ରଣା ଓ ଲାଇନରେ ସହଯୋଗ କରିଥିଲେ ଲକ୍ଷ୍ମୀଧର ଚୌଧୁରୀ, ରମେଶ ଚନ୍ଦ୍ର ପାଇକରାୟ ଓ ଉଲ୍ଲାସ ଚନ୍ଦ୍ର ପରିଡ଼ା। ଅତିଥି ଭାବେ ଯୁବସମାଜସେବୀ ବିଧାନ ଚନ୍ଦ୍ର ପ୍ରଧାନ, ଓଡ଼ିଆ ସିନେ କଳାକାର ଶ୍ରୀତମ ଦାସ ଓ ଦିବ୍ୟା ପ୍ରିୟଦର୍ଶିନୀ। ବୁଧବାର ଖେଳ ବନ୍ଦ ରହିବ। ଗୁରୁବାର ସ୍ପୋର୍ଟସ୍ ହଷ୍ଟେଲ ନୟାଗଡ଼ ଓ ବଜରଙ୍ଗବାଲି ସ୍ପୋର୍ଟସ କ୍ଲବ ଘାଟିକିଆ ଭୁବନେଶ୍ୱର ମଧ୍ୟରେ ଖେଳ ଅନୁଷ୍ଠିତ ହେବ।




ଅତିଥିଙ୍କ ସହ ଖେଳାଳିମାନେ।

# କଣ୍ଟିଲୋରେ ବାଲିଚଲା ଖିଆ ପରମ୍ପରା

**ଖଣ୍ଡପଡା, ୭।୧ (ସ୍ୱ.ପ୍ର.)**

ପୁରାଣର ଲୋକ କଥାକୁ ଉଜ୍ଜୀବିତ ରଖିବା ତଥା ମନସ୍କାମନା ପୂରଣ ପାଇଁ ମଙ୍ଗଳବାର କଣ୍ଟିଲୋ ଓ ଏହାର ଆଖପାଖ ଅଞ୍ଚଳରେ ବାଲିଚଲା ଖିଆ ପରମ୍ପରା ଅନୁଷ୍ଠିତ ହୋଇଯାଇଛି। ପଥରଚକଡା, ବାଣପୁର, ଧାନଚେଙ୍ଗଡା, ମାଧପୁର, କାଳିଆପଲ୍ଲୀ, ତେନ୍ତୁଳାପଲ୍ଲୀ ଆଦି ଅଞ୍ଚଳର ଝିଅ ବୋହୂ ତଥା ମହିଳାମାନେ ମହାନଦୀ, କମେଇ, ବାରଖପଲା ଓ ଆଖପାଖରେ ଥିବା ପାହାଡକୁ ବଣ ଭୋଜି ଓ ବାଲିଚଲାଖିଆ ପର୍ବ ପାଳନ କରିଥିବା ଦେଖିବାକୁ ମିଳିଛି। ବନ ଦୁର୍ଗାଙ୍କୁ ମାନସିକକରି ତୁଳସୀ, ଫୁଲ, ଧାନ ଗଛ, ଆଖୁ ରଖି ମହିଳାମାନେ ବାଲିରେ ଅବା ପାହାଡ ଉପରେ ବେଦୀ ପ୍ରସ୍ତୁତ କରି ଭାଗବତର ଗୋପଲୀଳା ଆୟ ପାଠ କରିଥିଲେ ।



ବାଲିପଠା ଓ ପାହାଡ ଉପରେ ବନ ଦୁର୍ଗାଙ୍କ ପାଖରେ ମହିଳାମାନେ ପୂଜାର୍ଚ୍ଚନା କରୁଛନ୍ତି।

ଏହି ପର୍ବର ବିଶେଷତ୍ୱ ହେଉଛି, ବର୍ଷର ଆଜିର ଦିନରେ ସଂପୃକ୍ତ ଅଞ୍ଚଳର ୭୦ରୁ ୮୦ ପ୍ରତିଶତ ମହିଳା ଓ ବାଳିକା ମହାନଦୀର ଆର ପାରିକୁ ଓ ମହାନଦୀ, କମେଇ ନଦୀର ସଙ୍ଗମ ସ୍ଥଳ ବାଲି ପଠାକୁ ମୋଟର ବୋଟ ଓ ଡଙ୍ଗା ସାହାଯ୍ୟରେ ଯାଇ ଅଥବା ନିକଟସ୍ଥ ପାହାଡ ଉପରକୁ ଯାଇ ବଣଭୋଜି କରିଥାନ୍ତି । ସାଙ୍ଗରେ ନେଇଥିବା ପିଠା, ଧନୁ ମୁଆଁ, ବରା, ପକୁଡି, ଗୁଡ ଚାଉଳ ଗୁଣ୍ଡ ମିଶ୍ରିତ ପୋଡ ପିଠା, ବାଦାମ, ମୁଢି ଆଦି ସ୍ଥାପନା କରିଥିବା ବନଦୁର୍ଗାଙ୍କ ଉଦ୍ଦେଶ୍ୟରେ ସମର୍ପଣ କରିଥାନ୍ତି । ପରେ ଦଳ ଦଳ ହୋଇ ମହିଳା, ବାଳିକାମାନେ ସମସ୍ତ ଖାଦ୍ୟକୁ ଏକାଠି କରି ପରସ୍ପର ମଧ୍ୟରେ ବାଣ୍ଟି ଖାଇଥାନ୍ତି । ପୂଜାର୍ଚ୍ଚନା ସମୟରେ ମହିଳାମାନେ ଗୋପ ଲୀଳା ଅଧ୍ୟାୟ ପାଠକରିବା ସହ ନୃତ୍ୟ କରିଥାନ୍ତି । ଏହି ବାଲିଚଲା ଖିଆର ଅନ୍ୟ ଏକ କିମ୍ବଦନ୍ତୀ ହେଉଛି, ଜଗନ୍ନାଥ ସଂସ୍କୃତିର ଆଦି ପୀଠ କଣ୍ଟିଲୋ ନୀଳମାଧବଙ୍କ କ୍ଷେତ୍ର । ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ଆଦେଶକ୍ରମେ ବିଦ୍ୟାପତି ଶ୍ରୀନୀଳମାଧବଙ୍କ ସନ୍ଧାନରେ ଆସି ପ୍ରଥମେ ଘଞ୍ଚ ଜଙ୍ଗଲ ମଧ୍ୟରେ ଅତି ଗୋପନୀୟ ଭାବରେ ନୀଳମାଧବଙ୍କୁ ପୂଜା କରୁଥିବା ବିଶ୍ୱାବସୁ ଶବରଙ୍କ ଝିଅ ଲଳିତାଙ୍କ ସହ ପରିଚିତ ହୋଇଥିଲେ । ଠାକୁରଙ୍କ ସନ୍ଧାନ କେବଳ ବିଶ୍ୱାବସୁଙ୍କ କନ୍ୟା ଲଳିତାଙ୍କ ସହଯୋଗରେ ସମ୍ଭବ ଆଶା କରି ବିଦ୍ୟାପତି ଲଳିତାଙ୍କୁ ଆଜିର ପୌଷ ମାସ ଶୁକ୍ଳପକ୍ଷ ଦ୍ୱାଦଶୀ ତିଥିରେ ବିବାହ କରିଥିଲେ ବୋଲି ଲୋକ କଥାରୁ ଜଣାଯାଏ । ଏଣୁ ପୁରପଲ୍ଲୀରେ ଏହି ଦିନ ଜଙ୍ଗଲ ମଧ୍ୟରେ ବନ ଦୁର୍ଗାଙ୍କୁ ପୂଜା କରି ଲଳିତା ସାଙ୍ଗ ସାଥିଙ୍କ ସହ ଭୋଜି ଭାତ କରି ମଉଜ ମଜଲିସ କରିଥିଲେ । ସମୟାନୁକ୍ରମେ ଜଙ୍ଗଲର ଦ୍ରୁତ ଅବକ୍ଷୟ ଯୋଗୁ ଏବେ ନଦୀ ବାଲି ପଠାକୁ ବଣଭୋଜି କରିବାକୁ ଯାଉଛନ୍ତି । ଅନେକ ମହିଳା ମଧ୍ଯ ଗ୍ରାମ ନିକଟରେ ଥିବା ପାହାଡକୁ ବଣ ଭୋଜି କରିବାକୁ ଯାଇଥିବା ଜଣା ପଡିଛି । ନଦୀ ପଠାକୁ ଲୋକେ ଚାଲି ଚାଲି ଯାଉଥିବାରୁ ଏହାକୁ ବଣ ଭୋଜି ପରିବର୍ତ୍ତେ ବାଲି ଚଲା ଖିଆ ବୋଲି କହୁଥିବା ଜଣାଯାଏ ।